## ୪୧ ଲିଟର ବିଦେଶୀ ମଦ ଜବତ, ୨ ଗିରଫ

ରାଜନଗର,(ଡି.ଏନ.ଏ.): ରାଜନଗର ଥାନା ଚାନ୍ଦିବାଉଁଶମୂଳ ଓ ଡେରା ଅଞ୍ଚଳରେ ମଙ୍ଗଳବାର ଆଇଆଇସି ଶ୍ରୀକାନ୍ତ କୁମାର ବାରିକଙ୍କ ନେତୃତ୍ୱରେ ଏକ ଟିମ ଚଢାଉ କରି ୪୧ ଲିଟର ଚୋରା ବିଦେଶୀ ମଦ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ପୋଲିସ ଘଟଣାସ୍ଥଳରୁ ୨ଜଣ ଫେରାର ହୋଇଯାଇଛନ୍ତି। ଗିରଫ ହୋଇଥିବା ୨ଜଣ ହେଲେ ଚାନ୍ଦିବାଉଁଶମୂଳର ରମେଶ ପାତ୍ର ଓ ବାହାରଗଡ ଗାଁର ମେଘନାଦ ମଲିକ। ଏ ନେଇ ଥାନାରେ ନଂ. ୩୪୯/୨୨, ୩୫୦/୨୨,୩୫୧/୨୨, ୩୫୨/୨୨ରେ ମାମଲା ରୁଜୁ କରାଯାଇଛି।



### ସଂକ୍ଷେପରେ

## ବାଇକ୍ ଲୁଟ୍ ଅଭିଯୋଗରେ ୩ ଗିରଫ: ବାଇକ, ଟଙ୍କା ଜବତ

ମାର୍ଶାଘାଇ,୨୭।୯ (ଡି. ଏନ. ଏ ): ମାର୍ଶାଘାଇ ଥାନା ପୋଲିସ ବାଇକ୍ ଲୁଟ୍ ଅଭିଯୋଗରେ ୩ ଜଣ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରିଛି। ସେମାନଙ୍କ ନିକଟରୁ ଚୋରି ହୋଇଥିବା ବାଇକ୍, ଟଙ୍କା. ମୋବାଇଲ ଫୋନ ଓ ଏକ ଲାପଟପ ଜବତ କରାଯାଇଛି। ପୋଲିସ ସୂତ୍ରରୁ ପ୍ରକାଶ, ଅଭିଯୋଗକାରୀ ଥାନା ଅନ୍ତର୍ଗତ ଗରଜଙ୍ଗା ଗାଁର ସଂଗ୍ରାମ କେଶରୀ ରାଉତ ସ୍ଥାନୀୟ ବଡ଼ପାଳ ବଜାରରୁ ରାତି ପ୍ରାୟ ୧୦ଟାରେ ଘରକୁ ବାଇକ୍ ଯୋଗେ ଫେରୁଥିଲେ। ସତ୍‌ସଙ୍ଗ ବିହାର ନିକଟରେ ୩ ଜଣ ଯୁବକ ତାଙ୍କ ଗାଡି ଆଗକୁ ଚାଲି ଆସିଥିଲେ। ସେ ଗାଡି ଅଟକାଇବାରୁ ଯୁବକମାନେ ତାଙ୍କୁ ଭୁଜାଲି ଦେଖାଇ ଭୟଭୀତ କରାଇଥିଲେ। ଗାଡିରୁ ଘୋଷାଡ଼ି ଆଣି ଗୋଇଠା ମାରିଥିଲେ। ସେମାନଙ୍କ ମଧ୍ୟରୁ ସେ ତାଙ୍କ ନିଜ ଗ୍ରାମର ଜଣେ ଯୁବକଙ୍କୁ ଚିହ୍ନି ଥିଲେ। ପରେ ଦୁର୍ବୃତ୍ତମାନେ ତାଙ୍କ ହିରୋହୋଣ୍ଡା ଗାଡି, ନଗଦ ଟଙ୍କା ୧୧ଶହ ଓ ଏଟିଏମ୍ କାର୍ଡ ଛଡାଇ ନେଇ ଫେରାର ହୋଇଯାଇଥିଲେ। ଥାନାରେ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ କରି ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ରାଜକନିକା ଥାନା ଅନ୍ତର୍ଗତ କୋରନ୍ଦା ଗାଁର ରାମଚନ୍ଦ୍ର ବାରିକ (୨୧), ଆୟତନ ବଡ ରାଜା ଗ୍ରାମର ବିରଞ୍ଚି ଦାସ (୨୩) ଓ ମାର୍ଶାଘାଇ ଥାନା ଅନ୍ତର୍ଗତ ଗରଜଙ୍ଗା ଗାଁର ଜୀବନ ରଞ୍ଜନ ସ୍ୱାଇଁ ଓରଫ ସିପା (୩୧)। ଏ ନେଇ ଥାନାରେ ନଂ. ୩୮୪/୨୨ରେ ମାମଲା ରୁଜୁ ସହ କୋର୍ଟ ଚାଲାଣ କରାଯାଇଛି।

## ଭାଜପା କାର୍ଯ୍ୟକାରିଣୀ ବୈଠକ



କୁଜଙ୍ଗ, ୨୭।୯ (ଡି.ଏନ୍.ଏ.): ଏରସମା ବ୍ଲକ ବାଲିତୁଠ ମଣ୍ଡଳ ଭାରତୀୟ ଜନତାପାର୍ଟି କାର୍ଯ୍ୟକାରିଣୀ ବୈଠକ ମଣ୍ଡଳ ସଭାପତି ସାରଦା ଶତପଥୀଙ୍କ ଅଧ୍ୟକ୍ଷତାରେ କଦମ୍ବ ମଠରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବାଲିକୁଦା ଏରସମା ନିର୍ବାଚନମଣ୍ଡଳୀ ସଂଯୋଜକ କ୍ଷୀରୋଦ ପରିଡା ଯୋଗଦେଇ ତୃଣମୂଳସ୍ତରରେ କେନ୍ଦ୍ର ସରକାରଙ୍କ ଜନହିତକର ଯୋଜନାଗୁଡ଼ିକୁ ପହଞ୍ଚାଇବା ଉପରେ ଗୁରୁତ୍ୱ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ଯୁବନେତା ଅମରେନ୍ଦ୍ର ମହାପାତ୍ର, ବାଲିତୁଠ ପ୍ରଭାରୀ ନିବାରଣ ନାୟକ, ପୂର୍ଣ୍ଣକାଳୀନ କାର୍ଯ୍ୟକର୍ତ୍ତା ପ୍ରଦୀପ ରାଉତ, ମଣ୍ଡଳ ସାଧାରଣ ସମ୍ପାଦକ ସୁରେଶ ସାମନ୍ତରା, ନିତ୍ୟାନନ୍ଦ ସ୍ୱାଇଁ, ଉପସଭାପତି ରତ୍ନାକର ସୂତାର, ସମ୍ପାଦକ ଶିଶିର ପ୍ରସାଦ ମଲ୍ଲ ପ୍ରମୁଖ ଯୋଗଦେଇଥିଲେ।

# ଜିଲ୍ଲାର ୨୧୧ ମଣ୍ଡପରେ ମା'ଙ୍କ ପୂଜା

**ଆସୁଛି ଗଣପର୍ବ ଗଜଲକ୍ଷ୍ମୀ ପୂଜା**
- ମୂର୍ତ୍ତି, ତୋରଣ କାର୍ଯ୍ୟ ତ୍ୱରାନ୍ୱିତ
- ଘରକୁ ଫେରୁଛନ୍ତି ପ୍ରବାସୀ ଶ୍ରମିକ

କେନ୍ଦ୍ରାପଡ଼ା ଅଫିସ, ୨୭।୯

କେନ୍ଦ୍ରାପଡ଼ା ଜିଲ୍ଲାର ଗଣପର୍ବ ଗଜଲକ୍ଷ୍ମୀ ପୂଜା ଅକ୍ଟୋବର ୯ ଠାରୁ ଆରମ୍ଭ ହେବ। ମା'ଙ୍କ ମୂର୍ତ୍ତି ନିର୍ମାଣ ପାଇଁ ଜିଲ୍ଲାର ୨୧୧ ମଣ୍ଡପର କର୍ମକର୍ତ୍ତାମାନେ ଗତ ୧୦ ତାରିଖ ଇନ୍ଦୁ ପୂର୍ଣ୍ଣିମାରେ ମାଟି ଉଠାଇଛନ୍ତି। କରୋନା ସଂକ୍ରମଣ ପାଇଁ ପୂଜା ପାର୍ବଣ ଉତ୍ସବ ଆଦିରେ ୨ ବର୍ଷ ହେଲା କଟକଣା ଥିଲା। ଚଳିତବର୍ଷ କଟକଣା ହଟିଥିବାରୁ ଗଣପର୍ବକୁ ସରସସୁନ୍ଦର କରିବାକୁ ପୂଜା କମିଟି ଓ ଜିଲ୍ଲାବାସୀଙ୍କ ଉତ୍ସାହ ବଢ଼ିଯାଇଛି। ପ୍ରବାସୀମାନେ ଘରକୁ ଫେରିବାକୁ ଆରମ୍ଭ କରୁଥିବାବେଳେ ବ୍ୟବସାୟୀମାନେ ଆକର୍ଷଣୀୟ ବିଜ୍ଞାପନ ମାଧ୍ୟମରେ ବିକ୍ରି ଅଭିଯାନ ଆରମ୍ଭ କରିଛନ୍ତି।

ସହରର ଉପେନ୍ଦ୍ର ବେହେରା କୁହନ୍ତି, ମା'ଙ୍କ ଏହି ଗଣପୂଜାକୁ ଜିଲ୍ଲାବାସୀ ଚାତକ ପରି ଚାହିଁଥାନ୍ତି। ଜିଲ୍ଲାର ଅର୍ଥନୀତି କୃଷିଭିତ୍ତିକ। ଶିଳ୍ପ ଅଥବା ଖଣି ନ ଥିବାରୁ ଯୁବବର୍ଗ କର୍ମ ନିଯୁକ୍ତି ପାଇଁ ଜିଲ୍ଲା ବାହାରକୁ ଯାଇ ପରିବାର ପ୍ରତିପୋଷଣ କରିଥାନ୍ତି। ତେବେ ମା'ଙ୍କ ପୂଜା ସମୟ ଆସିଲେ ସମସ୍ତେ ଘରକୁ ଫେରିଥାନ୍ତି। ପୂଜା ପରେ ପୁନର୍ବାର ବର୍ଷଟିଏ ପାଇଁ କର୍ମ ଅନ୍ୱେଷଣରେ ଯାଇଥାନ୍ତି। କରୋନା ସଂକ୍ରମଣ ଏଥିରେ ବ୍ୟତିକ୍ରମ ଆଣିଥିଲା। ୨ ବର୍ଷ ଧରି ମା'ଙ୍କ ପୂଜା ପାଳନରେ ବାଧା ସୃଷ୍ଟି ହୋଇଛି। ଏବେ ଦୈନିକ କରୋନା ସଂକ୍ରମଣ ସଂଖ୍ୟା ଦୁଇ ଅଙ୍କ ତଳେ ରହୁଥିବାରୁ ଚଳିତବର୍ଷ ପୂଜା ଉତ୍ସବ ଜାକଜମକରେ ହେବ। ଶିଳ୍ପୀ ବାସୁଦେବ ମହାରଣା କହିଛନ୍ତି, କରୋନା ସଂକ୍ରମଣ ପାଇଁ ପୂଜା କଟକଣା ଥିଲା। ଏହି କଟକଣା ମୂର୍ତ୍ତି କାରିଗରଙ୍କ ସମେତ ବାଜା, ରୋଷଣି, ଟେଣ୍ଟ ବ୍ୟବସାୟୀଙ୍କ ରୋଜଗାର ବନ୍ଦ କରିଥିଲା। କଟକ ଦୁର୍ଗାଙ୍କ ମୂର୍ତ୍ତି ନିର୍ମାଣ ପରେ କେନ୍ଦ୍ରାପଡ଼ାରେ ମା' ଗଜଲକ୍ଷ୍ମୀଙ୍କର ବିଗ୍ରହ ନିର୍ମାଣ ଆରମ୍ଭ ହୋଇଛି। ମଢ଼ିଆଳର ଲୁଗା ବ୍ୟବସାୟୀ ସେକ୍ ଅମଜାନ କୁହନ୍ତି, ମା'ଙ୍କର ଏହି ଗଣପର୍ବ ଭାଇଚାରର ଏକ ନମୁନା। ଏହି ସମୟରେ ବିଭିନ୍ନ ବ୍ୟବସାୟୀ ନିଜର ସାମଗ୍ରୀ ବିକ୍ରି ପାଇଁ ସୁଯୋଗ ପାଇଥାନ୍ତି। ଏପରି କି ସୁଦୂର ଜମ୍ମୁ କଶ୍ମୀର, ଉତ୍ତରପ୍ରଦେଶ, ମହାରାଷ୍ଟ୍ର ଆଦି ରାଜ୍ୟରୁ ବ୍ୟବସାୟୀ ଆସି ଏଠାରେ ସାମଗ୍ରୀ ବିକ୍ରି କରନ୍ତି। ସ୍ଥାନୀୟ ବ୍ୟବସାୟୀ ଓ ଜିଲ୍ଲା ବାହାରର ବ୍ୟବସାୟୀଙ୍କ ଘର କରଣା ସାମଗ୍ରୀ ବିକ୍ରି ଅଧିକ ହୋଇଥାଏ। ସେହିପରି ରଙ୍ଗବେରଙ୍ଗ ତୋରଣ ଓ ମା'ଙ୍କ ସାଜସଜ୍ଜା ଦେଖିବା ପାଇଁ ଜିଲ୍ଲା ଓ ଜିଲ୍ଲା ବାହାରର ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥାଏ। ପୁରୁଣା ବସ୍‌ଷ୍ଟାଣ୍ଡର ଗଜଲକ୍ଷ୍ମୀ କମିଟିର କର୍ମକର୍ତ୍ତା ଭୀମସେନ ବେହେରା କହିଛନ୍ତି, ପୂର୍ବବର୍ଷ ପରି ଚଳିତବର୍ଷ ମା'ଙ୍କ ପୂଜା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ସରିଛି। ପ୍ରତ୍ୟେକ ମେଢ଼ କମିଟି ପକ୍ଷରୁ ମେଳଣ ଓ ଭସାଣି ଉତ୍ସବ ଆକର୍ଷଣୀୟ କରିବାକୁ ବାଣ ରୋଷଣି ବରାଦ ସରିଛି। ସେହିପରି ସହରର ବିଭିନ୍ନ ସ୍ଥାନରେ ତୋରଣ ସଜ୍ଜା ଆରମ୍ଭ ହୋଇଛି। ଏ ସମ୍ପର୍କରେ ଏସ୍‌ଡିପିଓ ଜୟନ୍ତ କୁମାର ମହାପାତ୍ରଙ୍କୁ ପଚାରିବାରେ ଗଣପର୍ବ ଗଜଲକ୍ଷ୍ମୀ ପୂଜା ଶାନ୍ତି ଶୃଙ୍ଖଳାର ସହ ପାଳନ ହେବ। ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ପାଇଁ ୨ଟି ବୈଠକ ହୋଇଛି। ଟ୍ରାଫିକ ଜାମ୍‌ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ପକ୍ଷରୁ ଦିଆଯାଇଥିବା ଏସ୍‌ଓପି କାର୍ଯ୍ୟକାରୀ ହେବ। ପ୍ରତ୍ୟେକ ପୂଜା ମଣ୍ଡପକୁ ସୁରକ୍ଷା ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।



ମା' ଗଜଲକ୍ଷ୍ମୀଙ୍କ ମୃଣ୍ମୟ ମୂର୍ତ୍ତିରେ ଶିଳ୍ପ ରଙ୍ଗ ଦେଉଛନ୍ତି।

## ୧ରୁ ଚେସ୍ ଚାମ୍ପିୟନଶିପ ପ୍ରତିଯୋଗିତା

କେନ୍ଦ୍ରାପଡ଼ା ଅଫିସ,୨୭।୯

ଅଲ ଓଡ଼ିଶା ଚେସ ଆସୋସିଏଶନ ଓ କେନ୍ଦ୍ରାପଡ଼ା ଜିଲ୍ଲା ଚେସ ଆସୋସିଏଶନ ମିଳିତ ସହଯୋଗରେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଚେସ୍ ଚାମ୍ପିୟନଶିପ ପ୍ରତିଯୋଗିତା ଆସନ୍ତା ଅକ୍ଟୋବର ୧ ରୁ ଆରମ୍ଭ ହେବ। ଏ ସମ୍ପର୍କରେ ଆସୋସିଏଶନ ସମ୍ପାଦକ ଭବେଶ କୁମାର ମହାନ୍ତି ସୂଚନା ଦେଇଛନ୍ତି ଯେ, ଡ. ବୈଷ୍ଣବ ଚରଣ ପରିଡା ଦ୍ୱିତୀୟ ମେମୋରିଆଲ କପ ପ୍ରତିଯୋଗିତା ୧ ଓ ୨ ତାରିଖ ଦୁଇଦିନ ଧରି ଚାଲିବ। ଏଥିରେ ୧୧ ବର୍ଷରୁ କମ ବୟସ୍କ ଭାଗ ନେବା ସହ ବାଳିକା ପ୍ରତିଯୋଗୀ ରହିବେ। ସେହିପରି ୨ ଓ ୩ ତାରିଖରେ କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରତିଯୋଗୀ ଭାଗ ନେବେ। ଏହି ପ୍ରତିଯୋଗିତାରେ ରାଜ୍ୟର ପ୍ରତିଷ୍ଠିତ ଜାତୀୟ ଓ ଆର୍ନ୍ତଜାତୀୟ ସ୍ତରର ଖେଳାଳି ସାମିଲ ହେବେ। ଶ୍ରେଷ୍ଠ ୨ଜଣ ବାଳକ ଓ ୨ ଜଣ ବାଳିକାଙ୍କୁ ଜାତୀୟସ୍ତରର ପ୍ରତିଯୋଗିତାରେ ଭାଗ ନେବେ ବୋଲି ସମ୍ପାଦକ ମହାନ୍ତି ସୂଚନା ଦେଇଛନ୍ତି।

# ଆମରଣ ଅନଶନ ୨ୟ ଦିନରେ, ୪ ଗୁରୁତର

- ସବ୍‌ରେଜିଷ୍ଟ୍ରାର ଅଫିସ୍ ଖୋଲିବା ଦାବି
- କେନ୍ଦ୍ରାପଡ଼ା ଜିଲ୍ଲା ଚାଷୀ ଶ୍ରମିକ ସଂଘ

ଡେରାବିଶ, ୨୭।୯(ସ୍ୱ.ପ୍ର.)

ଡେରାବିଶ ବ୍ଲକ ଛତାଠାରେ ସବ୍‌ରେଜିଷ୍ଟ୍ରାର ଅଫିସ ଖୋଲିବା ଦାବି ନେଇ କେନ୍ଦ୍ରାପଡ଼ା ଜିଲ୍ଲା ଚାଷୀ ଶ୍ରମିକ ସଂଘ ପକ୍ଷରୁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ସୋମବାରଠାରୁ ଆରମ୍ଭ ହୋଇଥିବା ଆମରଣ ଅନଶନ ମଙ୍ଗଳବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ତେବେ ପୂର୍ବାହ୍ନରେ ଅନଶନ କରିଥିବା ବ୍ୟକ୍ତିଙ୍କ ମଧ୍ୟରୁ ସଂଘ ସମ୍ପାଦକ କୃତ୍ତିବାସ ଦାସ, ଗୋବିନ୍ଦ ବାରିକ, ମାମିନା ସିଂ ଓ ଭିକାରୀ ଚରଣ ରାଉତ ଅନଶନ ସ୍ଥଳରେ ଗୁରୁତର ହୋଇ ପଡିଥିଲେ। ସେମାନଙ୍କୁ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପୋଲିସ ଗାଡ଼ିରେ ଚିକିତ୍ସା ପାଇଁ ନିଆଯାଇଥିଲା। ତେବେ ସନ୍ଧ୍ୟା ପର୍ଯ୍ୟନ୍ତ ସେମାନଙ୍କୁ ଚିକିତ୍ସା କରାଯାଉଥିବା ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ସବ୍‌ରେଜିଷ୍ଟ୍ରାର ଅଫିସ୍ ଖୋଲିବାକୁ ପ୍ରଶାସନିକ ପ୍ରତିଶ୍ରୁତି ନ ମିଳିବା ଯାଏ ଏହି ଅନଶନ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଜାରି ରହିବ ବୋଲି ସଂଘ ସଭାପତି ପଣ୍ଡିତ ଶରତ ଚନ୍ଦ୍ର ମିଶ୍ର ସୂଚନା ଦେଇଛନ୍ତି। ଅନଶନର ୨ ଦିନ ବିତିଯାଇଥିଲେ ମଧ୍ୟ ଏଯାଏ କୌଣସି ପ୍ରଶାସନିକ ଅଧିକାରୀ ଅନଶନକାରୀଙ୍କ ସହ ଆଲୋଚନା କରି ନ ଥିବା ନେଇ ମିଶ୍ର କ୍ଷୋଭ ପ୍ରକାଶ କରିଛନ୍ତି।

ଦୀର୍ଘବର୍ଷ ହେବ କେନ୍ଦ୍ରାପଡ଼ା ସହରରେ ଥିବା ସବ୍‌ରେଜିଷ୍ଟ୍ରାର ଅଫିସ୍ ଉପରେ ନିର୍ଭରଶୀଳ ଡେରାବିଶ ବ୍ଲକର ୨୬ଟି ପଞ୍ଚାୟତର ଜନସାଧାରଣ ସେମାନଙ୍କ ଜମିଜମା ସଂକ୍ରାନ୍ତୀୟ ଦଲିଲର କ୍ରୟ ବିକ୍ରୟ ଓ ମ୍ୟୁଟେସନ୍ ପଟ୍ଟା ପାଇବାକୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ବ୍ଲକ ଅଧୀନ ଚାଟରାଚକଡ଼ା ପଞ୍ଚାୟତ ଛତାଠାରେ ଥିବା ତହସିଲ କାର୍ଯ୍ୟାଳୟ ବ୍ଲକ ଅଞ୍ଚଳର କେନ୍ଦ୍ରସ୍ଥଳୀ ହୋଇଥିବାରୁ ଏଠାରେ ସବ୍‌ରେଜିଷ୍ଟ୍ରାର ଅଫିସ୍ ଖୋଲିବାକୁ ଜିଲ୍ଲା ଚାଷୀ ଶ୍ରମିକ ସଂଘ ନେତୃତ୍ୱରେ ରାଜ୍ୟ ସରକାରଙ୍କ ନିକଟରେ ବାରମ୍ବାର ଦାବି ଆସୁଥିଲା। ତେବେ ଆଇଜିଆରଙ୍କ ପକ୍ଷରୁ ସବ୍‌ରେଜିଷ୍ଟ୍ରାର ଅଫିସ୍ ଖୋଲିବା ପାଇଁ ଏକ ପ୍ରକାର ସବୁଜ ସଙ୍କେତ ମିଳିଥିବା ବେଳେ ଜିଲ୍ଲା ପ୍ରଶାସନ ଏଠାରେ ଏହି କାର୍ଯ୍ୟାଳୟ ଖୋଲିବାକୁ ବିଳମ୍ବ କରୁଛି। ଏହାର ପ୍ରତିବାଦରେ ଅନଶନ କରାଯାଇଛି। ତେବେ ଏହି ଦାବିକୁ ସମର୍ଥନ ଜଣାଇ ମଙ୍ଗଳବାର ସାମାଜିକ କର୍ମୀ ପ୍ରାଧ୍ୟାପକ ଅଜୟ କୁମାର ରାଉତ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ରବି ସାମଲ, ୧୨ ନଂ. ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ଧନେଶ୍ୱର ସେଠୀ ଅନଶନରେ ସାମିଲ ହୋଇଥିଲେ। ସାଧାରଣ ଲୋକଙ୍କ ଦାବି ଯଥାର୍ଥ ବୋଲି ସାମିଲ ହୋଇଥିବା ନେତାମାନେ ପ୍ରକାଶ କରିଛନ୍ତି। ଏହି ଅନଶନ ସ୍ଥଳରେ ରବୀନ୍ଦ୍ର କୁମାର ସିଂ, ଚିତ୍ତରଞ୍ଜନ ରାଉତ, ମରୁତ କୁମାର ସ୍ୱାଇଁ, କରୁଣାକର ପଣ୍ଡା, ରତ୍ନମଞ୍ଜରୀ ଦାଶ, ଭରତ ଚନ୍ଦ୍ର ସିଂ, ଭବାନୀ ପ୍ରସାଦ ଖଟୁଆ, ଶେଖ୍ ନ୍ୟାମତ ଅଲ୍ଲି, ଶାହାଜାନ୍ ଖାଁ, ଆଦିକନ୍ଦ ବଳ ପ୍ରମୁଖ ଶତାଧିକ ବ୍ୟକ୍ତି ସାମିଲ ହୋଇଛନ୍ତି।



ଡେରାବିଶ ତହସିଲ ସମ୍ମୁଖରେ ଧାରଣାରତ କେନ୍ଦ୍ରାପଡ଼ା ଜିଲ୍ଲା ଚାଷୀ ଶ୍ରମିକ ସଂଘର କର୍ମକର୍ତ୍ତା ଓ ଅନ୍ୟମାନେ।

## କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ ଯୋଜନା ବାଟବଣା

- ଋଣ ଯନ୍ତାରେ ଶିଳ୍ପୋଦ୍ୟୋଗୀ ଯୁବତୀଯୁବକ ଛନ୍ଦି ହେଲେଣି
- ତୃତୀୟ ପକ୍ଷ ଦ୍ୱାରା ଋଣ ଅସୁଲ ନ କରିବା ନିର୍ଦ୍ଦେଶନାମାକୁ ବେଖାତିର

ପଟ୍ଟାମୁଣ୍ଡାଇ,୨୭।୯(ସ୍ୱ.ପ୍ର.)

କେନ୍ଦ୍ର ଓ ରାଜ୍ୟ ସରକାର ଅନେକ ଯୋଜନା କରୁଛନ୍ତି। ଏମ୍‌ଏସ୍‌ଏମ୍‌ଇ ଓ ପିଏମ୍‌ଇଜିପି ମାଧ୍ୟମରେ ବେକାରି ବାଟବଣା ହେଉଛି। ଶିଳ୍ପୋଦ୍ୟୋଗୀ ଯୁବତୀଯୁବକମାନେ ଏଥିରେ ଛନ୍ଦି ହୋଇ ଋଣ ଯନ୍ତାରେ ପଡି କଳବଳ ହେଉଛନ୍ତି। ଆବଶ୍ୟକ ଋଣ ନ ମିଳିବାରୁ ମିଳିଥିବା ଋଣରେ ଉଦ୍ୟୋଗ ଚଳାଇବା କଷ୍ଟକର ହେବାରୁ ଧାର, ଉଦ୍ଧାର କରି ଜମିବାଡି ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। କ୍ଷୁଦ୍ର, ମଧ୍ୟମ ଶିଳ୍ପ ଉଦ୍ୟୋଗରେ କ୍ଷତି ସହି ଯୁବତୀଯୁବକମାନେ ଏହାକୁ ବନ୍ଦ କରି ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି। ସରକାରଙ୍କ ଏହିସବୁ ଯୋଜନାରୁ କୌଣସି ଲାଭ ପାଉନାହାନ୍ତି; ଯାହାର ଉଦାହରଣ ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳରେ।

ଏ ବାବଦରେ ସାମାଜିକ କର୍ମୀ ସତ୍ୟପ୍ରିୟ ସାମଲ କୁହନ୍ତି, ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଅନେକ କ୍ଷୁଦ୍ରଶିଳ୍ପ ଉଦ୍ୟୋଗ ହୋଇଛି। ତାହା ଅଳ୍ପଦିନ ପରେ ବନ୍ଦ ହୋଇଯାଉଛି। ପୁଣି ନୂଆ ଯୁବତୀଯୁବକ ଋଣ ନେଇ ନୂତନ ଉଦ୍ୟୋଗ ଖୋଲୁଛନ୍ତି। ତାହା କିଛିଦିନ ଚାଲିବା ପରେ ଲାଭ ଦେଉ ନ ଥିବାରୁ ବନ୍ଦ ହୋଇଯାଉଛି। ଏହାର କାରଣ ଡିଆଇସି ଅଧିକାରୀ କି ବ୍ୟାଙ୍କ ଅଧିକାରୀ କେହି ବୁଝୁନାହାନ୍ତି। କେବଳ ଟାର୍ଗେଟ ପୂରଣରେ ସମସ୍ତେ ବ୍ୟସ୍ତ ରହୁଛନ୍ତି। ଯେଉଁ ଉଦ୍ୟୋଗ ଗଢ଼ି ଉଠୁଛି ଯଦି ସମ୍ପୃକ୍ତ ସଂସ୍ଥା ଋଣ ୩ ମାସ ଖିଲାପ କରୁଛି ତାକୁ ପ୍ରୋତ୍ସାହନ ଦେବା ବନ୍ଦ କରାଯାଉଛି। ପରବର୍ତ୍ତୀ ସମୟରେ ତାକୁ ଏନ୍‌ପିଏ ଲିଷ୍ଟ କରି ବ୍ୟାଙ୍କ ଅଧିକାରୀ ତୃତୀୟ ପକ୍ଷ ଦ୍ୱାରା ଋଣ ଆଦାୟ କରିବା ଆରମ୍ଭ କରି ଦେଉଛନ୍ତି। ଏପରିସ୍ଥଳେ ଉଦ୍ୟୋଗ କରିଥିବା ଯୁବତୀଯୁବକ ବ୍ୟାଙ୍କ ସୁଧ ଦେବା ଲାଗି ଜମି ବାଡି ବିକିବାକୁ ବାଧ୍ୟ ହେଉଛନ୍ତି। ବ୍ୟବସାୟ ବନ୍ଦ କରି ଦାଦନ ଖଟିବାକୁ ବାହାର ରାଜ୍ୟକୁ ପଳାଇ ଯାଉଛନ୍ତି। ସାମାଜିକ କର୍ମୀ ସଞ୍ଜୟ ପଣ୍ଡା କୁହନ୍ତି, ବ୍ୟାଙ୍କ ଓ ଫାଇନାନ୍ସ କମ୍ପାନୀ ପକ୍ଷରୁ ଋଣ ରିକଭରି ପାଇଁ ତୃତୀୟ ପକ୍ଷର ସହାୟତା ନିଆଯାଉଛି, ଯାହାକୁ ନେଇ ରିଜର୍ଭ ବ୍ୟାଙ୍କ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏଣିକି ଆଉ ତୃତୀୟ ପକ୍ଷ ଦ୍ୱାରା ଗ୍ରାହକଙ୍କଠାରୁ ଋଣ ଅସୁଲ କିମ୍ବା ସମ୍ପତ୍ତି ଜବତ କରାଯାଇପାରିବ ନାହିଁ। ଏହି ନିର୍ଦ୍ଦେଶନାମାକୁ ତତ୍କାଳ କାର୍ଯ୍ୟକାରୀ କରିବାକୁ ରିଜର୍ଭ ବ୍ୟାଙ୍କ ଦେଶର ସମସ୍ତ ବ୍ୟାଙ୍କ ଓ ଫାଇନାନ୍ସ କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ପଟ୍ଟାମୁଣ୍ଡାଇର କେତେଗୋଟି ବ୍ୟାଙ୍କ ତୃତୀୟ ପକ୍ଷ ଦ୍ୱାରା ଗ୍ରାହକଙ୍କଠାରୁ ଋଣ ଅସୁଲ କରିବା ପାଇଁ ହଇରାଣ କରୁଥିବା ଭଳି ଘଟଣା ସାମନାକୁ ଅସିଛି; ଯାହାକୁ ନେଇ ଶିଳ୍ପୋଦ୍ୟୋଗୀ ଯୁବତୀଯୁବକମାନେ ଏଥିରେ ଛନ୍ଦି ହୋଇ ଋଣ ଯନ୍ତାରେ ପଡି ହଇରାଣ ହେଉଛନ୍ତି। ସେହିପରି କୃଷକମାନେ ମଧ୍ୟ ବାଦ ପଡୁନାହାନ୍ତି। ଜମି ବନ୍ଧା ରଖି ଋଣ ନେଇଛନ୍ତି। ଋଣ କିସ୍ତି ଖିଲାପ ହେଲେ ଆସିଲା କୋର୍ଟ ନୋଟିସ୍। ତୁରନ୍ତ ଏହାକୁ ଶୁଝିବାକୁ କୁହାଯାଉଛି। ଚାଷୀ କୋର୍ଟକୁ ଧାଇଁ ଧାଇଁ ନୟାନ୍ତ ହେଉଛନ୍ତି। ସେପଟେ ଋଣ ପରିଶୋଧ ନ କରିବାରୁ ରାଜ୍ୟ ସରକାରଙ୍କ କାଳିଆ ଓ ଅନ୍ୟ ଯୋଜନାରେ ମିଳୁଥିବା ସହାୟତା ବନ୍ଦ କରି ଦିଆଯାଉଛି। ମିଳୁଥିବା ସହାୟତା ଟଙ୍କା ବ୍ୟାଙ୍କ ରଖୁଛି। ଚାଷୀଙ୍କ ଆକାଉଣ୍ଟ ମଧ୍ୟ ବନ୍ଦ କରିଦିଆଯାଉଛି ବୋଲି ଅଭିଯୋଗ ହେଉଛି। ସେପଟେ କୃଷି ବିଭାଗ କହୁଛି, ଆମର କିଛି ଦୋଷ ନାହିଁ, ଯାହା କରିବ ବ୍ୟାଙ୍କ। ବ୍ୟାଙ୍କ ହିଁ ବୀମା କରିବା କଥା। ଗରିବ ଚାଷୀ ଏମିତି ହିଁ ଋଣ ଯନ୍ତାରେ କଳବଳ ହେଉଥିବା ବେଳେ ଅଧିକାରୀମାନେ ଖସି ଯାଉଛନ୍ତି।

## ମାର୍ଶାଘାଇ ବ୍ଲକସ୍ତରୀୟ କାଉନସେଲିଂ ଶିବିର




କାଉନସିଲିଂରେ ଉପସ୍ଥିତ ଅତିଥିମାନେ।

ମାର୍ଶାଘାଇ,୨୭।୯ (ଡି.ଏନ.ଏ.): ମାର୍ଶାଘାଇ ବ୍ଲକ ପରିସରରେ ବ୍ଲକ ଜୀବିକା ମିଶନ ଆନୁକୂଲ୍ୟରେ ଦିନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନାରେ କାଉନସେଲିଂ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଉମାଶଙ୍କର ବେହେରା, ଜିଲ୍ଲା ଓରମାସର ଉପ କାର୍ଯ୍ୟନିର୍ବାହୀ ଅଧିକାରୀ ନିରୋଦ ଜେନା, ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାମଲ, ଜିଲ୍ଲା ପରିଷଦ ସଭ୍ୟ ପ୍ରତାପ ମଲିକ, ସିଡିପିଓ ପ୍ରୀତିଲତା ପାଢ଼ୀ ଓ ଉପାଧ୍ୟକ୍ଷା ଉର୍ମିଳା ମହାନ୍ତି ଯୋଗଦେଇ ୧୮ବର୍ଷରୁ ୩୫ ବର୍ଷ ପର୍ଯ୍ୟନ୍ତ ଯୁବତୀଯୁବକମାନଙ୍କୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ସେମାନଙ୍କ ଦକ୍ଷତା ବୃଦ୍ଧିର ତାଲିମ ନେଇ କର୍ମ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଏହାର ଲକ୍ଷ୍ୟ ବୋଲି ମତ ପ୍ରକାଶ କରିଥିଲେ। ବିଭିନ୍ନ ଘରୋଇ କମ୍ପାନୀ ପକ୍ଷରୁ ଆସିଥିବା ମୋଟିଭେଟରମାନେ ଉପସ୍ଥିତ ଯୁବତୀଯୁବକଙ୍କୁ ସୁଯୋଗର ସଦୁପଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଏଥିରେ ୨୦୬ଜଣ ନାମ ପଞ୍ଜୀକୃତ କରିଥିବା ବେଳେ ୧୧୦ଜଣଙ୍କ ନାମ ଟ୍ୟାଗିଂ କରାଯାଇଥିଲା। ବ୍ଲକ ଜୀବିକା ମିଶନର ଅଧିକାରିଣୀ ସଂଜ୍ଞା ସାଗରୀକା ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ଏହି ମେଳାରେ ମିଶନ ଶକ୍ତିର ବିପିସି ବିକାଶ ମହାନ୍ତି, ରତ୍ନମଞ୍ଜରୀ ବାରିକ, ବିଜ୍ଞାନ ସେନାପତି ସହଯୋଗ କରିଥିବା ବେଳେ ଏମ୍‌ବିକେ ମାନସୀ ମନ୍ତ୍ରୀ, ଜୟନ୍ତୀ ସାହୁ, ପ୍ରଦୋଷ ନଳିନୀ ସ୍ୱାଇଁ ଓ ପ୍ରତିମା ପରିଡାଙ୍କ ସମେତ ବିଭିନ୍ନ ପଞ୍ଚାୟତରୁ ଆସିଥିବା ମହିଳାମାନେ ଉପସ୍ଥିତ ଥିଲେ।

# ଗୋଟିଏ ପ୍ଲଟ୍‌ରେ ୨ ଅନୁଷ୍ଠାନ: ଠିକଣା ଅଲଗା

**ସଂଶୋଧନ ପାଇଁ ଜିଲ୍ଲାପାଳଙ୍କୁ ଦାବି କଲେ ଗ୍ରାମବାସୀ**

ଡେରାବିଶ, ୨୭।୯(ସ୍ୱ.ପ୍ର.)

ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁର ମୌଜାରେ ଅବସ୍ଥିତ ବିଜୁ ଦକ୍ଷତା ବିକାଶ ତାଲିମ କେନ୍ଦ୍ରର ତ୍ରୁଟିପୂର୍ଣ୍ଣ ଠିକଣାକୁ ସଂଶୋଧନ ପାଇଁ ଜିଲ୍ଲାପାଳଙ୍କ ନିକଟରେ ମଙ୍ଗଳବାର ଅମ୍ବିକା ପ୍ରସାଦ ରଥଙ୍କ ନେତୃତ୍ୱରେ ଗ୍ରାମବାସୀ ଦାବି କରିଛନ୍ତି। ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁର ମୌଜାର ନକ୍ସା (୧ନଂ. ସିଟ୍)ରେ ଖାତା ନଂ. ୧୨୨୭, ପ୍ଲଟ ନଂ. ୨୭୭ ଓ ୨୭୯ରେ ଥିବା ୫ ଏକରରୁ ଉର୍ଦ୍ଧ୍ୱ ଜମିରୁ ୨୭୯ ପ୍ଲଟରେ କଟକ-ଚାନ୍ଦବାଲି ରାସ୍ତା କଡ଼ରେ ପଥପ୍ରାନ୍ତ ସୁବିଧା କେନ୍ଦ୍ର ଓ ବିଜୁ ଦକ୍ଷତା ତାଲିମ କେନ୍ଦ୍ର ନିର୍ମାଣ ପାଇଁ ୮ ବର୍ଷ ତଳେ ଡେରାବିଶ ତହସିଲଦାର ଓ ଦାନପୁର ରାଜସ୍ୱ ନିରୀକ୍ଷକ ସ୍ଥାନ ଚିହ୍ନଟ କରିଥିଲେ। ପରେ ଗ୍ରାମବାସୀଙ୍କ ମତାମତ ଲୋଡ଼ି ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଆବଶ୍ୟକ କୋଠାବାଡ଼ି ନିର୍ମାଣ କରାଯାଇଥିଲା। କଟକ-ଚାନ୍ଦବାଲି ରାସ୍ତା କଡ଼ରେ ମୌଜା-କେଶରପୁର ପ୍ଲଟ ନଂ.୨୭୯ ପଥପ୍ରାନ୍ତ ସୁବିଧା କେନ୍ଦ୍ର ନିର୍ମାଣ ପରେ ସରକାରଙ୍କ ପକ୍ଷରୁ ଏହାକୁ ଉଦ୍‌ଘାଟନ କରାଯାଇ କାର୍ଯ୍ୟକ୍ଷମ କରାଯାଇଥିଲା। ଯାହାର ଠିକଣା ପଥପ୍ରାନ୍ତ ସୁବିଧା କେନ୍ଦ୍ର, କେଶରପୁର, ଦାନପୁର, କେନ୍ଦ୍ରାପଡ଼ା-୭୫୪୨୧୦ ରହିଛି। କିନ୍ତୁ ସେହି ପ୍ଲଟରେ ବିଜୁ ଦକ୍ଷତା ବିକାଶ ତାଲିମ କେନ୍ଦ୍ର ନିର୍ମାଣ ହୋଇ ଦୀର୍ଘଦିନ ଧରି କାର୍ଯ୍ୟକ୍ଷମ ହୋଇପାରି ନ ଥିଲା। ଏବେ ଏହାକୁ କାର୍ଯ୍ୟକ୍ଷମ କରିବା ପରେ ଏହାର ଠିକଣା ସଲାରୋ, ଚାନ୍ଦୋଳ ରହି ପିନ୍‌କୋର୍ଡ଼ -୭୫୪୨୧୦ (ଦାନପୁର) ଓ ଜିଲ୍ଲା କେନ୍ଦ୍ରାପଡ଼ା ରହିଛି। ତେବେ କେଶରପୁର ମୌଜାର ପ୍ଲଟ ନଂ. ୨୭୯ରେ ପଥପ୍ରାନ୍ତ ସୁବିଧା କେନ୍ଦ୍ର ଓ ବିଜୁ ଦକ୍ଷତା ବିକାଶ ତାଲିମ କେନ୍ଦ୍ର ଉଭୟ ଅନୁଷ୍ଠାନ ରହିଛି। ପଥପ୍ରାନ୍ତ ସୁବିଧା କେନ୍ଦ୍ରର ଠିକଣା କେଶରପୁର, ଦାନପୁର ରହିଥିବା ବେଳେ ବିଜୁ ଦକ୍ଷତା ବିକାଶ ତାଲିମ କେନ୍ଦ୍ରର ଠିକଣା ସରକାରୀ ସ୍ତରରେ ସଲାରୋ, ଚାନ୍ଦୋଳ ଲେଖାଯାଇ ଏକ ଗୁରୁତର ତ୍ରୁଟି କରାଯାଇଥିବା କେଶରପୁର ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଛ। ସର୍ବସାଧାରଣତଃ ବୃହତର ସ୍ୱାର୍ଥକୁ ଦୃଷ୍ଟିରେ ରଖି କେଶରପୁର ଗ୍ରାମବାସୀ ନିଜ ମୌଜାର ଗୋଚର କିସମ ଜମିକୁ ଏହି ଅନୁଷ୍ଠାନକୁ ଛାଡ଼ି ଦେଇଥିବା ବେଳେ ସରକାରୀ ସ୍ତରରେ ଏହାର ଠିକଣା ଅନ୍ୟ ମୌଜା ଲେଖିବା ଗ୍ରାମବାସୀଙ୍କ ସ୍ୱାଭିମାନକୁ ଆଘାତ ଦେଇଛି। ତେବେ ଏହି ତ୍ରୁଟିକୁ ସଂଶୋଧନ କରି ବିଜୁ ଦକ୍ଷତା ବିକାଶ ତାଲିମ କେନ୍ଦ୍ର ସ୍ଥାନ କେଶରପୁର, ଦାନପୁର, କେନ୍ଦ୍ରାପଡ଼ା-୭୫୪୨୧୦ କରାଯିବାକୁ ଦାବି ହୋଇଛି। ଏଥିସହ ସରକାରୀ ସ୍ତରରେ ଲାଗିଥିବା ହୋର୍ଡିଂ, ସାଇନବୋର୍ଡ଼, ସରକାରୀ ଦସ୍ତାବିଜ୍‌ରେ ଏହି ତ୍ରୁଟିକୁ ସଂଶୋଧନ କରି ସଂଶୋଧିତ ରେକର୍ଡ଼ କପି ଗ୍ରାମବାସୀଙ୍କ ଅବଗତି ନିମନ୍ତେ ସାଧାରଣରେ ପ୍ରକାଶ କରିବାକୁ ଅଭିଯୋଗ ପତ୍ରରେ ଦାବି କରାଯାଇଛି। ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଆବେଦନ କରିଥିବା ସାମାଜିକ କର୍ମୀ ଅମ୍ବିକା ପ୍ରସାଦ ରଥ, ଦୀପ୍ତିକାନ୍ତ ସାହୁଙ୍କ ସମେତ ଶତାଧିକ ଗ୍ରାମବାସୀ ଦାବି କରିବା ସହ ଅଭିଯୋଗ ପତ୍ରର ନକଲ କଟକ ଆରଡିସି, କେନ୍ଦ୍ରାପଡ଼ା ଉପଜିଲ୍ଲାପାଳ, ଡେରାବିଶ ତହସିଲଦାର, ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ଓ ଓଏସ୍‌ଡିଏ ଭୁବନେଶ୍ୱରଙ୍କ ଅବଗତି ନିମନ୍ତେ ପ୍ରଦାନ କରିଛନ୍ତି।

# ପାନବରଜ ପାଇଁ ପିମ୍ପୁଳା ଭରସା

- କାମ ଅଭାବରୁ ସ୍ଥାନୀୟ ଶ୍ରମିକ ଏହା ଉପରେ ନିର୍ଭର କରିଥାନ୍ତି
- ମହାକାଳପଡ଼ାରୁ ଜଗତ୍‌ସିଂହପୁର ପାନବରଜକୁ ଯାଉଛି କଞ୍ଚାମାଲ

ମହାକାଳପଡ଼ା,୨୭।୯ (ଡି.ଏନ.ଏ.)

ଶିଳ୍ପ ବିହୀନ କେନ୍ଦ୍ରାପଡ଼ା ଜିଲ୍ଲାରେ କୁଶଳୀ, ଅର୍ଦ୍ଧ କୁଶଳୀ ଶ୍ରମିକମାନେ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ଅନେକ ଶ୍ରମିକ ପରିବାର ପ୍ରତିପୋଷଣ ପାଇଁ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଉଛନ୍ତି। ମହାକାଳପଡ଼ା ବ୍ଲକ ବଟିଘର, ରାମନଗର, ଖରିନାସୀ, ପେଟଛେଲା ଆଦି ପଞ୍ଚାୟତର ବହୁ ମହିଳାପୁରୁଷ ଶ୍ରମିକ ନିଜ ଗୁଜୁରାଣ ମେଣ୍ଟାଇବା ପାଇଁ ପାନ ବରଜରେ କଞ୍ଚା ମାଲ ଉପଯୋଗ ହେଉଥିବା ପିମ୍ପୁଳାକୁ ସଂଗ୍ରହ କରିଥାନ୍ତି। ଏହା ମୁଖ୍ୟତଃ ମହାନଦୀ ପଠା, ହେଟାମୁଣ୍ଡିଆ ସଂରକ୍ଷିତ ଜଙ୍ଗଲ ଅଞ୍ଚଳ ସମେତ ବିଭିନ୍ନ ଖାଲ, ଗହିର ପାଟ, ପଡ଼ିଆ ଜମିରୁ ଶ୍ରମିକମାନେ ସଂଗ୍ରହ କରିଥାନ୍ତି। ପିମ୍ପୁଳାକୁ ଖରାରେ ଶୁଖାଇବା ପରେ ଛୋଟ ଛୋଟ ବିଡା କରି ବିକ୍ରୟ ପାଇଁ ପ୍ରସ୍ତୁତ କରୁଥିବା ଦେଖିବାକୁ ମିଳିଛି। ପରେ ବ୍ୟବସାୟୀମାନେ ଜଗତ୍‌ସିଂହପୁର ଜିଲ୍ଲା ପାରାଦୀପ, କୁଜଙ୍ଗ, ଏରସମା, ତ୍ରିଲୋଚନପୁର, ଡିଙ୍କିଆ, ନୂଆଗାଁ, ଗୋବିନ୍ଦପୁର ଆଦି ଅଞ୍ଚଳର ପାନ ବରଜ କରିଥିବା ଚାଷୀମାନଙ୍କୁ ବିଡା ପ୍ରତି ୨୦ ଟଙ୍କା ଦରରେ ବିକ୍ରୟ କରିଥାନ୍ତି। ମହାକାଳପଡ଼ା ବ୍ଲକର କେତେଜଣ ଶ୍ରମିକ କାମ ଅଭାବରୁ ଏହି ପିମ୍ପୁଳାକୁ ସଂଗ୍ରହ କରି ବେଶ୍ ଦି' ପଇସା ରୋଜଗାର କରିଥାନ୍ତି। ବହାକୁଦ ଗ୍ରାମର ନାରାୟଣ ବେହେରା, ମାଳତି ବେହେରା କହିଛନ୍ତି, ଦୈନିକ ପିମ୍ପୁଳା ସଂଗ୍ରହ କରି ୨ ଶହରୁ ୩ ଶହ ଟଙ୍କା ରୋଜଗାର ହେଉଛି। ଏହି ପିମ୍ପୁଳାକୁ ପାନ ବରଜ ଲଟାରେ ବନ୍ଧା ଯାଇଥାଏ। ଅପରପକ୍ଷରେ ଶିଳ୍ପ କାରଖାନା ଯୋଗୁ ପାରାଦୀପ, କୁଜଙ୍ଗ, ଏରସମା ଅଞ୍ଚଳରେ ପାନ ବରଜ ପାଇଁ କଞ୍ଚା ମାଲ ପିମ୍ପୁଳା ଅଭାବ ରହିଛି। ତେଣୁ ପଡ଼ୋଶୀ ଜିଲ୍ଲାର ପାନବରଜ ମାଲିକମାନେ ମହାକାଳପଡ଼ା ଅଞ୍ଚଳରୁ ପିମ୍ପୁଳା ନେଉଛନ୍ତି। ଏହି ପିମ୍ପୁଳା ଏକ ଘାସ ଜାତୀୟ ଗଛ। ଏହା ଦୋରସା ଓ ପଙ୍କୁଆ ମାଟିରେ ବେଶ୍ ବଢ଼ିଥାଏ। ବର୍ଷା ଦିନରେ ଚାଷ ଜମି ହିଡ଼ ଓ ପଡ଼ିଆ ଜମିରେ ଦେଖିବାକୁ ମିଳେ। ଏହା ହାରାହାରି ୨ରୁ ଅଢେଇ ଫୁଟ୍ ଲମ୍ବର ହୋଇଥାଏ। ଶ୍ରମିକମାନେ ଏହାକୁ କାଟି ସଂଗ୍ରହ କରିଥାନ୍ତି। ଦୈନିକ ମଜୁରି ବାବଦରେ ଦେଖିବାକୁ ଗଲେ ଦିନମାନ ପରିଶ୍ରମ ହିସାବରେ ମଜୁରି କମ୍ ହୋଇଥାଏ। ଦିନମାନ ଖରା ବର୍ଷାରେ ବିଭିନ୍ନ ଅଞ୍ଚଳ ବୁଲି ଏହାକୁ ସଂଗ୍ରହ କରିବାକୁ ପଡିଥାଏ। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ କାମ ଧନ୍ଦା ନ ମିଳିବାରୁ ସ୍ଥାନୀୟ ଶ୍ରମିକମାନେ ବାଧ୍ୟ ହୋଇ ପିମ୍ପୁଳା ସଂଗ୍ରହ କରି ଦୁଇ ପଇସା ରୋଜଗାର କରିଥାନ୍ତି।



ରାମନଗର ପଞ୍ଚାୟତର ଦମ୍ପତି ବିକ୍ରି ପାଇଁ ପିମ୍ପୁଳା ବିଡା ପ୍ରସ୍ତୁତ କରୁଛନ୍ତି।

## ସଂକ୍ଷେପରେ

### ଘର ଆଗରୁ ଟିପ୍ପର ଚୋରି ଅଭିଯୋଗ

**ଧର୍ମଶାଳା,୨୭।୯(ଡି.ଏନ.ଏ.):** ଧର୍ମଶାଳା ଥାନା ଅଧୀନ ଜାରକା ବଜାର ଫାଣ୍ଡି ନିକଟସ୍ଥ ଜଳଧର ସାହୁଙ୍କ ଘର ଆଗରେ ଛିଡ଼ା ହୋଇଥିବା ତାଙ୍କର ଏକ ଟିପ୍ପର ସୋମବାର ରାତିରେ ଚୋରି ହୋଇଛି। କେହି ଦୁର୍ବୃତ୍ତ ଏହାକୁ ଚୋରି କରିଥିବା ନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ତାଙ୍କ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଜଳଧଳ ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି ଯେ, ତାଙ୍କ ଗାଡ଼ି ନଂ.ଓଆର୍-୦୯-ଡି-୯୪୭୬କୁ ରାତିରେ ଡ୍ରାଇଭର ଆଣି ଘର ଆଗରେ ରଖିଥିଲେ। ମାତ୍ର ସକାଳୁ ଗାଡ଼ି ସେଠାରେ ନ ଥିଲା। ସିସିଟିଭି ଯାଞ୍ଚ କରିବାରୁ ରାତି ପ୍ରାୟ ୩ଟା୩୦ରେ ୨ ଦୁର୍ବୃତ୍ତ ଗାଡି ଡୋର ଭାଙ୍ଗି ଚୋରି କରି ନେଉଥିବା ଜଣାପଡ଼ିଥିଲା। ସୂଚନାଯୋଗ୍ୟ, ଆରୁହାର ଏକ କ୍ରଶରରୁ ଚୋରି ହୋଇଥିବା ଗୋଟିଏ ଟ୍ରକକୁ ପୋଲିସ କାଳିକତାର ଜଣେ କବାଡ଼ିଆଙ୍କ ନିକଟରୁ ଗତ ୧୩ ତାରିଖରେ ଜବତ କରିବା ସହ ୯ ଜଣଙ୍କୁ ଗିରଫ କରିଥିଲା। ତେଣୁ ଧଳଙ୍କ ଟ୍ରକ୍ ଚୋରି ପଛରେ ସମ୍ପୃକ୍ତ ଗ୍ୟାଙ୍ଗ୍‌ର ହାତ ଥାଇପାରେ ବୋଲି ଚର୍ଚ୍ଚା ହେଉଛି।

### ବଡ଼ପୁଅ ଆକ୍ରମଣରେ ମା' ଆହତ

**ପାଣିକୋଇଲି,୨୭।୯(ଡି.ଏନ.ଏ.):** ପାଣିକୋଇଲି ଥାନା ଅନ୍ତର୍ଗତ ତଣ୍ଡରା ପଞ୍ଚାୟତ ବରେଇ ଗ୍ରାମର ଭଗବାନ ସାହୁଙ୍କ ସ୍ତ୍ରୀ ଉମା ସାହୁଙ୍କୁ ତାଙ୍କ ବଡ଼ପୁଅ ମାରଧର କରିବା ଓ ଜୀବନରୁ ମାରିଦେବାର ଧମକ ଦେଇଛନ୍ତି। ଏନେଇ ଉମା ଶଙ୍ଖଚିଲା ଫାଣ୍ଡିରେ ଅଭିଯୋଗ କରିଥିଲେ। ପୋଲିସ ତାଗିଦ କରିବା ପରେ ଆଉ ଏଭଳି ହେବ ନାହିଁ ବୋଲି ବଡ଼ ପୁଅ ସୁରେନ୍ଦ୍ର ଥାନାରେ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଘରେ ପହଞ୍ଚିବା ପରେ ଏକାନ୍ତର ସୁଯୋଗ ନେଇ ପୁଣି ସୁରେନ୍ଦ୍ର ତାଙ୍କ ମା'ଙ୍କୁ ଅକ୍ରମଣ କରିଛନ୍ତି। ତେବେ ତାଙ୍କ ହାତରେ ମାରଣାସ୍ତ୍ର ଥିବାରୁ ପଡ଼ୋଶୀ ଅଟକାଇ ପାରି ନ ଥିଲେ। ଫଳରେ ସେ ତାଙ୍କ ମା'ଙ୍କୁ ରାସ୍ତା ଉପରକୁ ଘୋଷାଡ଼ି ଆଣି ମାଡ଼ ମାରିଥିଲେ। ଏନେଇ ଉମା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ନଂ.୧୧୯/୨୨ ରୁଜୁ କରି ତଦନ୍ତ ଚଳାଇଛି।

### ଚୋରି ସାମଗ୍ରୀ ଜବତ, ୨ ଗିରଫ

**ପାଣିକୋଇଲି,୨୭।୯(ଡି.ଏନ.ଏ.):** ପାଣିକୋଇଲି ଥାନା ଅନ୍ତର୍ଗତ ଗୋଲେଇପୁର ପଞ୍ଚାୟତ ସୋତି ଗ୍ରାମର ବିଦ୍ୟାଧର ବେହେରାଙ୍କ ଟାୟାର ଦୋକାନରୁ ଚୋରି ଅଭିଯୋଗରେ ପୋଲିସ ୨ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଏଥିସହିତ ଚୋରି ସାମଗ୍ରୀ ଜବତ କରିଛି। ଗିରଫ ଯୁବକ ଦ୍ୱୟ ହେଲେ ଯାଜପୁର ଥାନା ଅନ୍ତର୍ଗତ ରାଣୀ ରାମଚନ୍ଦ୍ରପୁରର ସୁଶାନ୍ତ ଜେନା(୨୦) ଓ ଗରିୟାପୁରର ଚିନୁ ଗୋଚ୍ଛାୟତ(୨୨)। ସୋମବାର ରାତିରେ ଦୋକାନୀ ବିଦ୍ୟାଧର ଖାଇବାକୁ ଯାଇଥିବା ସୁଯୋଗରେ ଦୁଇ ଯୁବକ ଦୋକାନରେ ପଶି ସାମଗ୍ରୀ ଚୋରି କରି ଏକ ଗ୍ଲାମର ବାଇକ (ଓଡି-୦୪-ଏଏ-୭୭୧୬) ଯୋଗେ ଖସି ପଳାଇବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ପାଖ ଦୋକାନୀ ସେମାନଙ୍କୁ କାବୁ କରିବା ସହ ଚୋରି ସାମଗ୍ରୀ ଜବତ କରି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଯୁବକ ଦ୍ୱୟଙ୍କୁ ଗିରଫ କରିଥିଲା। ଏନେଇ ଥାନାରେ ନଂ.୨୨୦/୨୨ରେ ଏକ ମାମଲା ରୁଜୁ ହୋଇଛି।

### ସପ୍ତମ ଶ୍ରେଣୀ ପିଲାଙ୍କୁ ମିଳିନି ଭୂଗୋଳ ବହି

**ବିଞ୍ଝାରପୁର,୨୭।୯(ଡି.ଏନ.ଏ.):** ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅଜବ ନୀତି। ବିଦ୍ୟାଳୟ ଖୋଲିବାକୁ ୬ ମାସ ବିତିଥିଲେ ମଧ ଏ ପର୍ଯ୍ୟନ୍ତ ସପ୍ତମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ମିଳିପାରୁନି ଭୂଗୋଳ ବହି। ଫଳରେ ଛାତ୍ରୀଛାତ୍ର ଭୂଗୋଳ ପଢ଼ିବାରୁ ବଞ୍ଚିତ ହେଉଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ଶିକ୍ଷାଧିକାରୀଙ୍କ ଅଧୀନ ବିଭିନ୍ନ ବିଦ୍ୟାଳୟରେ। ଏହି ବ୍ଲକ ଅଧୀନରେ ରହିଛି ୫୪ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ। ବିଦ୍ୟାଳୟଗୁଡ଼ିକରେ ମୋଟ୍ ୨୪୩୦ଜଣ ଛାତ୍ରୀଛାତ୍ର ସପ୍ତମ ଶ୍ରେଣୀରେ ପଢୁଛନ୍ତି। କେତେକ ବିଦ୍ୟାଳୟର ଅଳ୍ପ ଛାତ୍ରୀଛାତ୍ର ପୁରୁଣା ବହିକୁ ଯୋଗାଡକରି ପଢୁଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ଅଭିଭାବକ ସରୋଜ ଦାସ, ଅବିନାଶ ମଲ୍ଲିକ, କରୁଣାକର ଦାସ, ଗୌତମ ସାହୁ, ସେକ୍ ଆବିଦ, ସନାତନ ସାମଲ, ଅଭିଜିତ ସାହୁ, ରହେମାନ ଖାନ, ସେକ୍ ସାହିଦ ଓ ମୋହନ ଚରଣ ରାଉତ ପ୍ରମୁଖ ଅସନ୍ତୋଷ ପ୍ରକାଶ କରିବା ସହ ଛାତ୍ରୀଛାତ୍ରଙ୍କୁ ତୁରନ୍ତ ବହି ଯୋଗାଇଦେବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ ମଣ୍ଡଳ ଶିକ୍ଷାଧିକାରୀ ମହମ୍ମଦ ହୁମାୟୁନ୍ କହିଛନ୍ତି, ସରକାରଙ୍କ ତରଫରୁ ଭୂଗୋଳ ବହି ଆସିନାହିଁ। ଆମେ ବିଭାଗକୁ ଅବଗତ କରାଇଛୁ। ବହି ଆସିଲେ ଛାତ୍ରୀଛାତ୍ରଙ୍କୁ ବଣ୍ଟନ କରାଯିବ। ଏବେ ଦେଖିବାକୁ ଅପେକ୍ଷା କେବେ ପିଲାଙ୍କୁ ବହି ମିଳୁଛି।

# ମୂଳ ଖରସ୍ରୋତାକୁ ଚିରସ୍ରୋତା ପାଇଁ ଉଦ୍ୟମ

- ଉନ୍ନୟନ କମିଶନରଙ୍କୁ ସମସ୍ୟା ଜଣାଇଲେ କୋରେଇ ବିଧାୟକ
- କାର୍ଯ୍ୟ ଆରମ୍ଭ ଦିଗରେ ପଦକ୍ଷେପ ନେବାକୁ କମିଶନରଙ୍କ ପରାମଶ

**ରସୁଲପୁର,୨୭।୯(ଡିଏନଏ)**

ରସୁଲପୁର ରସୁଲପୁର ବ୍ଲକ ଅଞ୍ଚଳ ଦେଇ ପ୍ରବାହିତ ମୂଳ ଖରସ୍ରୋତା ନଦୀକୁ(୧୩ କି.ମି.ଲମ୍ବ) ଚିରସ୍ରୋତାରେ ପରିଣତ ପାଇଁ କୋରେଇ ବିଧାୟକ ଅଶୋକ ବଳ ଉଦ୍ୟମ ଆରମ୍ଭ କରିଛନ୍ତି। ବିଧାୟକ ବଳ ଉନ୍ନୟନ କମିଶନର ପ୍ରଦୀପ ଜେନାଙ୍କୁ ଭେଟି ମୂଳ ଖରସ୍ରୋତାର ସ୍ଥିତି ସମ୍ପର୍କରେ ଅବଗତ କରାଇବା ସହିତ ସମସ୍ୟା ସମାଧାନ କରିବାକୁ ଦାବି କିରଛନ୍ତି। ଉକ୍ତ ଦାବିକୁ କମିଶନର ଗ୍ରହଣ କରିବା ସହିତ ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀଙ୍କ ସହ ଆଲୋଚନା କରି ଉକ୍ତ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବାକୁ ପରାମର୍ଶ ଦେଇଛନ୍ତି। କମିଶନରଙ୍କ ପ୍ରସ୍ତାବ ମୁତାବକ, ସର୍ବୋଚ୍ଚ ଯନ୍ତ୍ରୀ ଉକ୍ତ କାର୍ଯ୍ୟର ସ୍ଥିତି ତଦାରଖ କରି ପଦକ୍ଷେପ ନେବେ। ନଦୀକୁ ଚିରସ୍ରୋତା କରିବା ପାଇଁ ଆବଶ୍ୟକ ଅର୍ଥ ପ୍ରଦାନ କରାଯିବ ବୋଲି କମିଶନର ସୂଚନା ଦେଇଛନ୍ତି।

୨ ଦଶନ୍ଧିରୁ ଉର୍ଦ୍ଧ୍ୱ ବନ୍ୟା ନିୟନ୍ତ୍ରଣ ଆଳରେ ମୂଳ ଖରସ୍ରୋତାର ଉପରମୁଣ୍ଡ ମୁହଁକୁ ବ୍ଲକର ଟିକରପଡ଼ାଠାରେ ବନ୍ଦ କରି ଦିଆଯାଇଥିଲା। ସେବେଠାରୁ ନଦୀ ମୃତ ଅବସ୍ଥାରେ ପଡ଼ିରହିଛି। ନଦୀର ଗଣ୍ଡ ସ୍ଥଳର ଦୂଷିତ ଜଳକୁ ସେବନକରି ଗୋରୁ ଅଜଣା ରୋଗର ଶିକାର ହେଉଛନ୍ତି। ଚାଷୀଙ୍କ ଜଳସେଚନ ସୁବିଧା ମିଳିପାରୁନାହିଁ। ଟିକରପଡ଼ା, ଶ୍ରୀବନ୍ତପୁର, ନଠୁଆବର, ଗନ୍ଧଣ, ବଡ଼କଇଁଚି, ଭୋଟକା, ରସୁଲପୁର ଓ ରାହାମ୍ବା ଆଦି ପଞ୍ଚାୟତର ନଦୀକୂଳରେ ବସବାସ କରୁଥିବା ଗ୍ରାମବାସୀ ଏହିଭଳି ନାନା ସମସ୍ୟାରେ ସମ୍ମୁଖୀନ ହୋଇ ଆସୁଛନ୍ତି। ଏହି ସମସ୍ୟା ସମାଧାନ ଦାବି ନେଇ ୨୦୦୮-୦୯ରେ ମୂଳ ଖରସ୍ରୋତା ବଞ୍ଚାଅ ସମିତି ଗଠନ କରାଯାଇଥିଲା। ଶିକ୍ଷାବିତ୍ ବେଣୁଧର ଦୋବାଇଙ୍କ ଅଧ୍ୟକ୍ଷତାରେ ଗଠିତ ସମିତି ପକ୍ଷରୁ ନଦୀକୁ ଚିର ସ୍ରୋତା ପାଇଁ ବ୍ଲକ, ଜିଲା, ବିଭାଗୀୟ ଅଧିକାରୀ, ରାଜ୍ୟ ସରକାର, ହାଇକୋର୍ଟ ମୁଖ୍ୟ ବିଚାରପତି ଓ ବିଧାନସଭା ଷ୍ଟାଣ୍ଡିଂ କମିଟି ଆଦିକୁ ଅବଗତ କରାଯାଇଥିଲା। ପରେ ସମିତି ପକ୍ଷରୁ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଓ କୋରେଇ ବିଧାୟକ ଅଶୋକ ବଳଙ୍କ ସହ ଆଲୋଚନା କରାଯାଇଥିଲା। ଉକ୍ତ ଆଲୋଚନା ଓ ସମିତିର ଦାବି ମୁତାବକ ଜଳ ସମ୍ପଦ ବିଭାଗ ପକ୍ଷରୁ କ୍ଷେତ୍ର ପରିଦର୍ଶନ କରାଯିବା ସହ ଏ ଦିଗରେ ଉଚ୍ଚସ୍ତରୀୟ ଅଧିକାରୀଙ୍କ ନିକଟକୁ ରିପୋର୍ଟ ପ୍ରଦାନ କରାଯାଇଥିଲା। ଏ ସବୁ ସତ୍ତ୍ୱେ ନଦୀକୁ ଚୀର ସ୍ରୋତା କରିବାରେ ବିଳମ୍ବ ଉପୁଜୁଥିବାକୁ ନେଇ ସମିତି ପକ୍ଷରୁ ଅବସରପ୍ରାପ୍ତ କର୍ମଚାରୀ ସଂଘର କାର୍ଯ୍ୟକର୍ତ୍ତା ପ୍ରତ୍ୟେକ ମାସର ୩୦ ତାରିଖରେ ପଦଯାତ୍ରା ଜରିଆରେ ଜନ ଜାଗରଣ ସୃଷ୍ଟି କରୁଛନ୍ତି। ରସୁଲପୁର ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଦାବିପତ୍ର ପଠାଯାଉଛି। ସମିତି ପକ୍ଷରୁ ଶିକ୍ଷାବିତ୍ କୈଳାସ ଚନ୍ଦ୍ର ନାୟକ, ଇଂ. ବିଶ୍ୱଜିତ୍ ମହାନ୍ତି, ସୁଧାଂଶୁ ମିଶ୍ର, ପ୍ରଭାକର ସାହୁ, ରଘୁନାଥ ପତି ପ୍ରମୁଖ କୋରେଇ ବିଧାୟକ ବଳଙ୍କୁ ଭେଟି ନଦୀ ସମ୍ପର୍କରେ ଆଲୋଚନା କରିଥିଲେ। ସୋମବାର ବିଧାୟକ ବଳଙ୍କ ନେତୃତ୍ୱରେ ସରପଞ୍ଚ ରୁଦ୍ରନାରାୟଣ ମହାନ୍ତି, ଅଶୋକ କୁମାର ମଲ୍ଲିକ, ସମିତିସଭ୍ୟ ଅଜୟ କୁମାର ପଣ୍ଡା, ପରିବେଶବିତ୍ ଗୋପୀନାଥ ପତି ପ୍ରମୁଖଙ୍କୁ ନେଇ ଏକ ପ୍ରତିନିଧି ଦଳ ଉନ୍ନୟନ କମିଶନରଙ୍କୁ ଭେଟି ଆଲୋଚନା କରିଥିଲେ। ଦାବି ପୂରଣ ହେଲେ ଦୀର୍ଘବର୍ଷ ପରେ ସ୍ଥାନୀୟ ଅଞ୍ଚଳ ଲୋକେ ନଦୀକୁ ଫେରି ପାଇବେ ବୋଲି ପ୍ରକାଶ କରିଛନ୍ତି। ବିଧାୟକ ବଳଙ୍କ ଉଦ୍ୟମକୁ ସମିତି କାର୍ଯ୍ୟକର୍ତ୍ତା ଓ ସ୍ଥାନୀୟ ଅଞ୍ଚଳ ଜନସାଧାରଣଙ୍କ ପକ୍ଷରୁ ପ୍ରଶଂସା କରାଯାଇଛି। ଏ ସମ୍ପର୍କରେ ବିଧାୟକ ବଳ କହିଛନ୍ତି, ମୂଳ ଖରସ୍ରୋତାକୁ ଚିରସ୍ରୋତା କରିବା ସମ୍ପର୍କରେ ଉନ୍ନୟନ କମିଶନରଙ୍କୁ ଜଣାଇଛୁ। ନଦୀ ଉପର ମୁଣ୍ଡରେ ଏକ ସ୍ଲୁଇସ୍ ଗେଟ ନିର୍ମାଣ କାର୍ଯ୍ୟ ଖୁବ୍ ଶୀଘ୍ର ଆରମ୍ଭ କରାଯାଇ ନଦୀକୁ ଚିରସ୍ରୋତା କରିବା ପାଇଁ ପଦକ୍ଷେପ ନିଆଯିବ।


ପ୍ରତିନିଧି ଦଳ ଉନ୍ନୟନ କମିଶନରଙ୍କୁ ଭେଟି ଆଲୋଚନା କରୁଛନ୍ତି।

## ତହସିଲ ପକ୍ଷରୁ ୩ ଗାଡ଼ି ଜବତ

**ଧର୍ମଶାଳା,୨୭।୯(ଡି.ଏନ.ଏ.)**

ଧର୍ମଶାଳା ତହସିଲ ଅଫିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବେଆଇନ ଭାବେ ପରିବହନ କରୁଥିବା ୩ଟି ବାଲି ଓ ଚିପ୍ସ ବୋଝେଇ ଗାଡ଼ି ଜବତ କରାଯାଇଛି। ଉକ୍ତ ତହସିଲ ଅଧୀନରେ ଥିବା କଳାପଥର ସଇରାତଗୁଡିକ ଲିଜଧାରୀଙ୍କ ଦ୍ୱାରା ବନ୍ଦ ରହିଥିବାବେଳେ ଅଞ୍ଚଳରେ ଗଢ଼ି ଉଠିଥିବା ଛୋଟ ଓ ବଡ଼ କ୍ରଶର ବନ୍ଦ ରହିଛି। ଏହି ସମୟରେ କେତେକ କ୍ରଶରରେ ପୂର୍ବରୁ ଗଚ୍ଛିତ ଥିବା ଚିପ୍ସକୁ ମାଲିକମାନେ ଚଢ଼ା ଦରରେ ବିକ୍ରି କରି ଲାଭବାନ ହେଉଛନ୍ତି। ହେଲେ ବିକ୍ରି ହେଉଥିବା ଚିପ୍ସର କୌଣସି ରସିଦ ନ ଦେଇ ମାଲିକମାନେ ବିକ୍ରି କରୁଥିବାରୁ ଚିପ୍ସ ପରିବହନ କରୁଥିବା ଗାଡି ଗୁଡିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିନା ରସିଦରେ ଚିପ୍ସ ପରିବହନ ହେଉଥିବା ଏକ ହାଇୱାକୁ ଶ୍ରୀରାମପୁର ଟୋଲଗେଟରେ ତହସିଲ ପକ୍ଷରୁ ଜବତ କରାଯାଇଛି। ସେହିପରି ଧର୍ମଶାଳା-କବାଟବନ୍ଧ ରାସ୍ତାର ନାକପୋଲଠାରେ ବିନା ରସିଦରେ ଚିପ୍ସ ପରିବହନ କରୁଥିବା ଅନ୍ୟ ଏକ ହାଇୱା ଜବତ କରାଯାଇଥିବାବେଳେ ମର୍ଜିତାପୁରଠାରେ ବେଆଇନ ଭାବେ ବାଲି ପରିବହନ କରୁଥିବା ଏକ ଟ୍ରାକ୍ଟରକୁ ଜବତ କରାଯାଇଛି। ଜବତ ଗାଡ଼ିଗୁଡ଼ିକୁ ଧର୍ମଶାଳା ଓ ଜେନାପୁର ଥାନାରେ ରଖାଯାଇଛି। ଚଢ଼ାଉରେ ବଳରାମପୁର-୧ ଆର୍‌ଆଇ ଚନ୍ଦନ ସାହୁ, ନେଉଳପୁର ଆର୍‌ଆଇ ବିରଞ୍ଚି ବୋଇତେଇ ଓ ନାକପୋଲ ଏଆର୍‌ଆଇ ଜଗବନ୍ଧୁ ଜେନା ପ୍ରମୁଖ ସାମିଲ ହୋଇଥିଲେ।

# କଳିଙ୍ଗନଗର ସ୍ଥିତି ଅନୁଧ୍ୟାନକଲେ ବିଧାନସଭା ଗୃହ କମିଟି


କଳିଙ୍ଗନଗରସ୍ଥିତି ଅନୁଧ୍ୟାନ କରୁଛନ୍ତି ବିଧାନସଭା ଗୃହ କମିଟି।

**କଳିଙ୍ଗନଗର,୨୭।୯(ଡି.ଏନ୍.ଏ.)**

ବିଧାନସଭା ପରିବେଶ ଗୃହ କମିଟି ତୃତୀୟ ଥର ପାଇଁ କଳିଙ୍ଗନଗର ସ୍ଥିତି ଅନୁଧ୍ୟାନ କରିଛନ୍ତି। ଘଷିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଆସିଥିବା ଏହି କମିଟିରେ ବଡଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ବିଧାୟକ ମିନାକ୍ଷୀ ମହାନ୍ତ, ବିଧାୟକ ମନୋହର ରାନ୍ଧାରୀ, ବିଧାୟକ ସାରଦା ପ୍ରସାଦ ନାୟକ ପ୍ରମୁଖ ସାମିଲ ଥିଲେ। କମିଟି ପ୍ରଥମେ ଭିସାଷ୍ଟିଲ କାରଖାନା ପରିଦର୍ଶନ କରିଥିଲେ। ଭିସାଷ୍ଟିଲ ପରେ ମୈଥାନ କାରଖାନାକୁ ଯାଇଥିଲେ। ସେଠାରେ ବିଭିନ୍ନ ୟୁନିଟ ବୁଲିବା ପରେ ରାସ୍ତା ଘାଟ ଓ ବ୍ୟାପକ ଧୂଳି ଧୂଆଁ ଯୋଗୁ ପ୍ରଦୁଷଣ ହେଉଥିବା ନିଜେ କମିଟି ଅଧକ୍ଷ ପାତ୍ର ସ୍ୱୀକାର କରିଥିଲେ। ପରେ ଜିନ୍ଦଲ କାରଖାନାକୁ ଯାଇଥିଲେ। କମିଟି ସଦସ୍ୟମାନେ ଜିଲା ପ୍ରଶାସନ ସହ କାରଖାନାର କନଫରେନ୍ସ ହଲରେ ଏକ ବୈଠକରେ ଯୋଗ ଦେଇଥିଲେ। ବୈଠକ ପରେ କମିଟି ଅଧକ୍ଷ ପାତ୍ର ତାଙ୍କ ପ୍ରତିକ୍ରିୟାରେ ସମୟ ଅଭାବରୁ ଅଳ୍ପ ସମୟ କାରଖାନା ପରିଦର୍ଶନ କରିଛୁ। ଶିଳ୍ପାଞ୍ଚଳର ଏକାଧିକ କାରଖାନା ପ୍ରଦୂଷଣ କରୁଛନ୍ତି ବୋଲି ଅନୁଭବ କଲୁ। ଯାହା ଦେଖିଲୁ ଗୃହକୁ ସେ ସମ୍ପର୍କରେ ଅବଗତ କରିବୁ ବୋଲି ସେ ଗଣମାଧ୍ୟମକୁ କହିଥିଲେ। ଆୟୋଜିତ ବୈଠକରେ ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର, ଏଡିଏମ୍ କଳିଙ୍ଗନଗର ସନ୍ତୋଷ ମିଶ୍ର, କଳିଙ୍ଗନଗର ଅତିରିକ୍ତ ଏସ୍‌ପି ଏସ୍ ଟପୋ,ପ୍ରଦ୍ୟୁଷଣ ବିଭାଗ ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରା, ଡିଏଫ୍‌ଓ ଡ.ସଞ୍ଜୟ କୁମାର ସ୍ୱାଇଁ ଏବଂ ଶିଳ୍ପାଞ୍ଚଳର ସମସ୍ତ କାରଖାନାର ଅଧିକାରୀମାନେ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ୨୦୧୮ରେ ବିଧାନସଭା ସଭା ଗୃହ କମିଟି କଳିଙ୍ଗନଗର ଆସି ପରିସ୍ଥିତି ଅନୁଧ୍ୟାନ କରିବା ସହିତ ନାନା ପ୍ରତିଶ୍ରୁତି ଦେଇଥିଲେ। ହେଲେ ତାହା କାରଖାନା ଧୂଆଁ ଭଳି ଉଡିଯାଇଥିଲା। ମଙ୍ଗଳବାର ଆସିଥିବା କମିଟି କୌଣସି ବିସ୍ଥାପିତ କଲୋନୀ ଯାଇ ନ ଥିଲେ। କରୋନା କଟକଣା ଯୋଗୁ ଦୀର୍ଘ ୨ ବର୍ଷ କାଳ ବିସ୍ଥାପିତ ଲୋକେ କେମିତି ଅଛନ୍ତି ସେମାନଙ୍କ କଥା ଟିକେ ବୁଲି ଦେଖିବା ପରିବର୍ତ୍ତେ ରୁଦ୍ଧଦ୍ୱାର ବୈଠକ କରିବା ସହ କେବଳ ୨ କାରଖାନା ବୁଲି ଫେରିଯିବା ଘଟଣା ସ୍ଥାନୀୟ ବାସିନ୍ଦାଙ୍କ ମନରେ ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ବିଦ୍ୟାଳୟରେ ଅନିୟମିତତାର ତଦନ୍ତ ଆରମ୍ଭ

**ଚଣ୍ଡିଖୋଲ,୨୭।୯(ଡି.ଏନ.ଏ.)**

ବଡ଼ଚଣା ବ୍ଲକ ଅନ୍ତର୍ଗତ କେତେକ ବିଦ୍ୟାଳୟରେ ହୋଇଥିବା ଅନିୟମିତତାର ତଦନ୍ତ ଆରମ୍ଭ ହୋଇଛି। ମଙ୍ଗଳବାର ବିଡିଓ ଅଜିତ ନାରାୟଣ ଗିରି, ଅତିରିକ୍ତ ତହସିଲଦାର ନିରଞ୍ଜନ ଗୁରୁ ଓ ବଡ଼ଚଣା ସିଡିପିଓ ସମ୍ପୃକ୍ତ ବିଦ୍ୟାଳୟଗୁଡ଼ିକୁ ପରିଦର୍ଶନ କରି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ବିଦ୍ୟାଳୟଗୁଡ଼ିକରେ ମଧ୍ୟାହ୍ନ ଭୋଜନରେ ଅନିୟମିତତା ସହ ଅର୍ଥ ହେରଫେର ହେଇଥିବା ଅଭିଯୋଗ ହୋଇଥିଲା। ମଙ୍ଗଳବାର ୫-ଟି ବିଦ୍ୟାଳୟ ତଦନ୍ତ କରାଯାଇଛି। ତଦନ୍ତ ରିପୋର୍ଟ ଜିଲାପାଳଙ୍କୁ ପ୍ରଦାନ କରାଯିବ ବୋଲି ବିଡିଓ ଗିରି ପ୍ରକାଶ କରିଛନ୍ତି। ବ୍ଲକ ଅନ୍ତର୍ଗତ ଅହମ୍ମଦପୁର, ପୂର୍ବ ରାହାଳ, ବିକ୍ରମତିରଣ, ପାରି ପଲେଇ ୧, ଓ ୨ ପ୍ରାଥମିକ ବିଦ୍ୟାଳୟରେ ଅନିୟମିତତା ହୋଇଥିବା ନେଇ ଯାଜପୁର ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଜିଲାପାଳ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ବଡ଼ଚଣା ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଡିଓଙ୍କ ଅଧକ୍ଷତାରେ ଗଠିତ ଟିମ୍‌ରେ ଅତିରିକ୍ତ ତହସିଲଦାର ଓ ମହିଳା ଶିଶୁ ବିକାଶ ଅଧିକାରୀ ରହିଛନ୍ତି।

## ଜିଲା ହସ୍ତଶିଳ୍ପୀ କର୍ମଜୀବୀ ସଂଘର ନୂତନ କର୍ମକର୍ତ୍ତା


କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲା ହସ୍ତଶିଳ୍ପୀ କର୍ମଜୀବୀ ସଂଘର କର୍ମକର୍ତ୍ତା।

**ରସୁଲପୁର,୨୭।୯(ଡି.ଏନ.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ପ୍ରଥମାଖଣ୍ଡି ପଞ୍ଚାୟତର ମା'ବାଲୁତରାଣୀ ଟେରାକୋଟା ସଂଘ ଆନୁକୂଲ୍ୟରେ ଯାଜପୁର ଜିଲା ହସ୍ତଶିଳ୍ପୀ କର୍ମଜୀବୀ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଏଥିସହିତ ପୂର୍ବତନ ସଭାପତିଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି ଓ ବରିଷ୍ଠ ବୁଣାକାରଙ୍କୁ ପୂଜ୍ୟପୂଜା ସମ୍ମାନରେ ସମ୍ମାନିତ କରାଯାଇଛି। ଜିଲା କର୍ମଜୀବୀ ସଂଘ ମୁଖ୍ୟ ଉପଦେଷ୍ଟା ମିହିର ପ୍ରତାପ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ପ୍ରସ୍ତର ଶିଳ୍ପୀ ମହେଶ୍ୱର ଓଝା, ରାଜ୍ୟ ବୁଣକାର ମହାସଂଘ କାର୍ଯ୍ୟକାରୀ ସଭାପତି ଶ୍ରୀଧର ବେହେରା, ଶିଳ୍ପୀ ଅଶୋକ ମହାରଣା, ଅକ୍ଷୟ କୁମାର ଓଝା, ଆଲୋକ କୁମାର ମହାନ୍ତି, ଉଦୟନାଥ ମହାରଣା, ପ୍ରଭାତ ମହାରଣା, ଶଙ୍କର ମହାରଣା ପ୍ରମୁଖ ଯୋଗଦେଇ ଜିଲା ହସ୍ତଶିଳ୍ପୀ କର୍ମଜୀବୀ ସଂଘର ପୂର୍ବତନ ସଭାପତି ପର୍ଶୁରାମ ବେହେରାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେଇଥିଲେ। ସଭାର ଦ୍ୱିତୀୟ ଅଧିବେଶନରେ ସଂଘ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ କଳ୍ପତରୁ ମହାରଣା ସଭାପତି, ଚଞ୍ଚଳା ମଲିକ ଉପସଭାପତି, ବ୍ରହ୍ମାନନ୍ଦ ମହାରଣା ସମ୍ପାଦକ, ପ୍ରିୟନାଥ ଓଝା ସହସମ୍ପାଦକ, ଆଲୋକ ମହାନ୍ତି କାର୍ଯ୍ୟକାରୀ ସଭାପତି, ମନୋଜ କୁମାର ନାଥ କୋଷାଧକ୍ଷ ଓ ପ୍ରତାପ ରଞ୍ଜନ ମହାରଣାଙ୍କୁ ସାଂସ୍କୃତିକ ସମ୍ପାଦକ ଭାବେ ମନୋନୀତ କରାଯାଇଛି।

## ନକଲି ଜାତିଗତ ପ୍ରମାଣପତ୍ର ଦେଉଥିବା ସଂସ୍ଥା ନାଁରେ ଏତଲା

**କଳିଙ୍ଗନଗର,୨୭।୯(ଡି.ଏନ.ଏ.)**

କଳିଙ୍ଗନଗର ଥାନା ମଣ୍ଡପଡ଼ାଗ୍ରାମର ସୁଷମା ନାୟକ ଓ ତ୍ରିନାଥ ମହାନ୍ତଙ୍କୁ ବ୍ୟାସନଗର କଲେଜ ଛକରେ ଥିବା ଜଣେ କମ୍ପ୍ୟୁଟର ଦୋକାନୀ ଜାଲ୍ ଜାତିଗତ ପ୍ରମାଣପତ୍ର ଦେଇଥିବା ସେମାନେ ତହସିଲ ଅଫିସରେ ଅଭିଯୋଗ କରିଛନ୍ତି। ତହସିଲଦାର ନମ୍ରତା ମୋଦି ଏହାର ତଦନ୍ତ କରିବା ପରେ ସମ୍ପୃକ୍ତ ଦୋକାନୀଙ୍କ ବିରୋଧରେ ପୋଲିସ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ, ସମ୍ପୃକ୍ତ ଦୋକାନୀ ଜାତିଗତ ପ୍ରମାଣପତ୍ର ଦେବା ବାବଦରେ ଦୁହିଁଙ୍କଠାରୁ ୭୦୦ ଟଙ୍କା ନେଇଥିଲେ। ୨ ଦିନ ତଳେ ଦୋକାନୀ ସେମାନଙ୍କୁ ପ୍ରମାଣପତ୍ର ଦେଇଥିଲେ। ପରେ ସେମାନେ ବିବାହ ପଞ୍ଜୀକରଣ ଲାଗି ପ୍ରମାଣପତ୍ର ଦୁଇଟିକୁ ଅନ୍‌ଲାଇନରେ ଆବେଦନ କରିବା ବେଳେ ତାହା ଜାଲ୍ ବୋଲି ଜଣାପଡ଼ିଥିଲା। ଏ ସମ୍ପର୍କରେ ସମ୍ପୃକ୍ତ ଦୋକାନୀଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

# ସ୍ୱଚ୍ଛତା ହିଁ ସେବା ପକ୍ଷ ପାଳନ

**ରସୁଲପୁର,୨୭।୯(ଡି.ଏନ.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ପହଙ୍ଗା ପଞ୍ଚାୟତରେ ସ୍ୱଚ୍ଛତା ହିଁ ସେବା ପକ୍ଷ ପାଳନ କରାଯାଇଛି। ସରପଞ୍ଚ ଲୋପାମୁଦ୍ରା ଘଡ଼ାଇଙ୍କ ପୌରୋହିତ୍ୟରେ ସ୍ୱଚ୍ଛ ଭାରତ ମିଶନର ମାଷ୍ଟର ଟ୍ରେନର ସତ୍ୟବ୍ରତ ସାହୁ ଯୋଗଦେଇ କାର୍ଯ୍ୟକ୍ରମର ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରତ୍ୟେକ ଗାଁକୁ ପରିଷ୍କାର ପରିଚ୍ଛନ୍ନ ରଖିବା ସହ ଘରୁ ବାହାରୁଥିବା ଅଳିଆ ଆବର୍ଜନା ଆଦିର ସୁପରିଚାଳନା ଉପରେ ଗୁରୁତ୍ୱ ଦେଇ ଏକ ସଚେତନତା ଶୋଭାଯାତ୍ରା ପଞ୍ଚାୟତ ପରିକ୍ରମା କରିଥିଲା। ଯୁବନେତା ବିଜୟ କୁମାର ଘଡ଼େଇଙ୍କ ନେତୃତ୍ୱରେ ଆୟୋଜିତ ଶୋଭାଯାତ୍ରାରେ ପୂର୍ବତନ ସରପଞ୍ଚ ପ୍ରକାଶ ଚନ୍ଦ୍ର ନାୟକ, ପ୍ରହ୍ଲାଦ ପ୍ରତିହାରୀ, ହରେନ୍ଦ୍ର ମଲିକ, ଧର୍ମେନ୍ଦ୍ର ସ୍ୱାଇଁ, ପ୍ରଧାନ ଶିକ୍ଷକ ଇନ୍ଦ୍ରମଣି କର, ଏମ୍‌ବିକେ ସଂଘମିତ୍ରା ନାୟକ, ନିର୍ବାହୀ ଅଧିକାରୀ ଶତ୍ରୁଘନ ଜେନା ଓ ବ୍ରଜ ଶତପଥୀଙ୍କ ସମେତ ପଞ୍ଚାୟତର ୱାର୍ଡ ସଭ୍ୟାସଭ୍ୟ ଓ ସ୍ୱୟଂସହାୟିକା ଗୋଷ୍ଠୀର ମହିଳାମାନେ ଯୋଗଦେଇ ଜନସାଧାରଣଙ୍କୁ ସଚେତନ କରିଥିଲେ।



ପଞ୍ଚାୟତ ପରିକ୍ରମା କରୁଥିବା ସ୍ୱଚ୍ଛତା ଶୋଭାଯାତ୍ରା।

# ସପ୍ଲାଏ ଚେନ୍, ଲଜିଷ୍ଟିକ୍ ମ୍ୟାନେଜମେଣ୍ଟ ପାଠ୍ୟକ୍ରମର ସମାବର୍ତ୍ତନ ଉତ୍ସବ



ସମାବର୍ତ୍ତନ ଉତ୍ସବରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

**କଳିଙ୍ଗନଗର,୨୭।୯(ଡି.ଏନ.ଏ.)**

ଟାଟା ଷ୍ଟିଲ କଳିଙ୍ଗନଗରର ପ୍ଲଟ୍-୨ ହାଉସିଂ କମ୍ପ୍ଲେକ୍ସଠାରେ ମଙ୍ଗଳବାର ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ୱେଲଫେୟାର ଆଣ୍ଡ ବିଜନେସ୍ ମ୍ୟାନେଜମେଣ୍ଟ (ଆଇଆଇଏସ୍‌ଡବ୍ଲ୍ୟୁଏମ୍) କୋଲକାତା ପକ୍ଷରୁ ଟାଟା ଷ୍ଟିଲ କଳିଙ୍ଗନଗର କର୍ମଚାରୀଙ୍କ ପାଇଁ ସପ୍ଲାଏ ଚେନ୍ ଓ ଲଜିଷ୍ଟିକ୍ ମ୍ୟାନେଜମେଣ୍ଟ ଉପରେ ପୋଷ୍ଟ ଗ୍ରାଜୁଏଟ୍ ସାର୍ଟିଫିକେଟ୍ କୋର୍ସର ପ୍ରଥମ ବ୍ୟାଚ୍‌ର ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।

ଏହି ଅବସରରେ ଟାଟା ଷ୍ଟିଲ ମାନବ ସମ୍ବଳ ପରିଚାଳନା ବିଭାଗର ଭାଇସ୍ ପ୍ରେସିଡେଣ୍ଟ ଆତ୍ରେୟୀ ସାନ୍ୟାଲ, ଟାଟା ଷ୍ଟିଲ କଳିଙ୍ଗନଗର ଅପରେଶନ୍ସ ବିଭାଗ ଭାଇସ୍ ପ୍ରେସିଡେଣ୍ଟ ରାଜୀବ କୁମାର ଅତିଥି ଭାବେ ଯୋଗ ଦେଇଥିଲେ। ଟାଟା ଷ୍ଟିଲ କଳିଙ୍ଗନଗର ଏଚ୍‌ଆର୍‌ବିପି ବିଭାଗ ଚିଫ୍ ଇମାଦ୍ ଅଲ୍ଲୀ ଏବଂ ଆଇଆଇଏସ୍‌ଡବ୍ଲ୍ୟୁବିଏମ୍‌ର ପୋଗ୍ରାମ୍ କୋର୍ଡିନେଟର ଡ. ଜୟନ୍ତୀ ଦେ ଉପସ୍ଥିତ ଥିଲେ। ଏହାବ୍ୟତୀତ ଟାଟା ଷ୍ଟିଲ କଳିଙ୍ଗନଗରର ବରିଷ୍ଠ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ନିର୍ମାଣକାରୀ ଉଦ୍ୟୋଗରେ ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ ରୂପେ ପରିଚିତ ସପ୍ଲାଏ ଚେନ୍ ଓ ଲଜିଷ୍ଟିକ୍ ମ୍ୟାନେଜମେଣ୍ଟ ଉପରେ ସଫଳତାର ସହ ପୋଷ୍ଟ ଗ୍ରାଜୁଏଟ ସାର୍ଟିଫିକେଟ୍ କୋର୍ସ ସମାପ୍ତ କରିଥିବା ୩୭ ଜଣ କର୍ମଚାରୀଙ୍କୁ ପାଠ୍ୟକ୍ରମ ସମାପନ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ସଂକ୍ଷେପରେ

### ଆନ୍ତଃ-ମହାବିଦ୍ୟାଳୟ ଚେସ୍ ପ୍ରତିଯୋଗିତା ଉଦ୍‌ଘାଟିତ

ପାତ୍ରପୁର,୨୭।୯(ଡି.ଏନ୍.ଏ.):ପାତ୍ରପୁର ବ୍ଲକ ସାମନ୍ତିଆପଲ୍ଲୀ ସ୍ଥିତ ଭରତ ପତି ମହାବିଦ୍ୟାଳୟରେ ୪୩ତମ ଆନ୍ତଃ-ମହାବିଦ୍ୟାଳୟ ଦୁଇ ଦିନିଆ ଚେସ ପ୍ରତିଯୋଗିତା ମଙ୍ଗଳବାର ଆରମ୍ଭ ହୋଇଛି। କାର୍ଯ୍ୟକ୍ରମକୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡ଼ା ସମ୍ପାଦକ ପ୍ରଫେସର ଗଣେଶ ସେଠୀ ଉଦ୍‌ଘାଟନ କରିଥିବା ବେଳେ ମହାବିଦ୍ୟାଳୟ ଅଧ୍ୟକ୍ଷ ମାନସ ରଞ୍ଜନ ଆଚାର୍ଯ୍ୟ, ରବି ଚରଣ ମିଶ୍ର, ସଚ୍ଚିଦାନନ୍ଦ ଦାସ, ବିନାୟକ ରଥ, ଜି.ସତ୍ୟନାରାୟଣ, ବିଷ୍ଣୁ ପ୍ରସାଦ ପୁରୋହିତ, ଗୟାଧର ପଣ୍ଡା, ଏସ୍.ସିତାରାମ ମୂର୍ତ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଆୟୋଜିତ ପ୍ରତିଯୋଗିତାରେ ମୋଟ ୧୬ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେଇଥିବା ବେଳେ ଉଭୟ ପୁରୁଷ ଓ ମହିଳା ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

### ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ଆରମ୍ଭ ପାଇଁ ଦାବି

ବାଲିଗୁଡା,୨୭।୯(ଡି.ଏନ.ଏ.):ବାଲିଗୁଡ଼ା ବ୍ଲକ ସଲାଗୁଡ଼ା ପଞ୍ଚାୟତର ପୁଲସରୁଠାରେ ଗ୍ରାମବାସୀଙ୍କ ଉଦ୍ୟମରେ ୧୯୯୬ରେ ଏକ ବିଦ୍ୟାଳୟ ସ୍ଥାପନ କରାଯାଇଥିଲା। ୨୦୦୦ ମସିହାରେ ସରକାରଙ୍କ ଡିପିଇପି ଯୋଜନାରେ ଏହି ବିଦ୍ୟାଳୟକୁ ସ୍ୱୀକୃତି ଦିଆଯାଇ ଶିକ୍ଷକ ନିଯୁକ୍ତି ଦିଆଯାଇଥିଲା। କିନ୍ତୁ କିଛି ବର୍ଷ ପରେ ଗ୍ରାମବାସୀଙ୍କ ଅଜାଣତରେ ଏହି ବିଦ୍ୟାଳୟ ଅନ୍ୟ ଗ୍ରାମକୁ ଉଠାଇ ନିଆଯାଇଥିଲା। ଫଳରେ ପୁଲସରୁ ସମେତ ମାକୁବେଲା, ବୁଡେଲପଦର, ବିଲାପାଙ୍ଗା, ମିଲପାକେଟା ଭଳି ଗ୍ରାମର ପିଲାମାନଙ୍କୁ ବିଦ୍ୟାଳୟ ଯିବାରେ ସମସ୍ୟା ଦେଖା ଦେଇଥିଲା। ଏ ନେଇ ଲୋକେ ଅଭିଯୋଗ କରିବା ପରେ ସରକାର ପୁଲସରୁଠାରେ ଏକ ବିଦ୍ୟାଳୟ ପାଇଁ ଅନୁମୋଦନ ଦେବା ସହ ସ୍କୁଲ ନିର୍ମାଣ କାର୍ଯ୍ୟ ମଧ ଆରମ୍ଭ ହୋଇଥିଲା। ତେବେ କୌଣସି କାରଣରୁ ଏହି କାର୍ଯ୍ୟ ଏବେ ବନ୍ଦ ରହିଥିବା ଅଭିଯୋଗ ଗ୍ରାମବାସୀ କରିଛନ୍ତି। ତେଣୁ ସ୍ଥଗିତ ରହିଥିବା ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ପୁଣି ଥରେ ଆରମ୍ଭ କରିବାକୁ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି ଗ୍ରାମବାସୀ। ଏ ନେଇ ଶତାଧିକ ପୁରୁଷ ଓ ମହିଳା ଫୁଲବାଣୀ ଯାଇ ଏହି ଦାବିପତ୍ର ପ୍ରଦାନ କରିଛନ୍ତି।

### ନାଟ୍ୟ ସଂଘ ପ୍ରତିଷ୍ଠା ଦିବସ ପାଳିତ

ଫୁଲବାଣୀ ଅଫିସ, ୨୭।୯-ଫୁଲବାଣୀ ପ୍ରେସ କ୍ଲବ ପରିସରରେ ନାଟ୍ୟସଂଘ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବନାନୀ କଳା ସଙ୍ଗମର ସଭାପତି ରବୀନ୍ଦ୍ର ନାଥ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବକ୍ତାମାନେ ଯୋଗଦେଇ ଆଜିର ଡିଜିଟାଲ ଯୁଗରେ ବି ମଞ୍ଚ ନାଟକର ଆବଶ୍ୟକତା ରହିଛି ବୋଲି କହିଥିଲେ। ବନାନୀ ପକ୍ଷରୁ କଳାକାରମାନେ ୩୦ରୁ ଅଧିକ ନାଟକ, ଗୀତିନାଟ୍ୟ ଆଦି ପରିବେଷଣ କରି ରାଜ୍ୟସ୍ତରରେ ସୁନାମ ଅର୍ଜନ କରିଥିଲେ। ନାଟକର ପ୍ରକାର ଭେଦ, ନାଟକ ରଚନା, କଳାକାର, ନାଟକର ସମାଜ ଉପରେ ପ୍ରଭାବ, ଶିକ୍ଷଣୀୟ ବିଷୟବସ୍ତୁ, ଜୀବନ ଜୀବିକାର ମାଧ୍ୟମ ଇତ୍ୟାଦି ଉପରେ ଆଲୋଚନା ହୋଇଥିଲା। ଆଲୋଚକ ଭାବେ ଡ. ଅନନ୍ତ ଚରଣ ମିଶ୍ର, ବିଜୟ ପଟ୍ଟନାୟକ, ଜିଲା କଳାକାର ସଂଘ ଉପସଭାପତି ଅକ୍ଷୟ କର୍ଣ୍ଣ, ପ୍ରେସ କ୍ଲବ ସଭାପତି ସୁନିଲ ପଟ୍ଟନାୟକ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ବରିଷ୍ଠ ନାଗରିକ ନବୀନ କିଶୋର ପଣ୍ଡା, ପଞ୍ଚାନନ କହଁର, ନବ କିଶୋର ରଥ, ବିନୋଦ ସାହୁ ପ୍ରମୁଖ ମଞ୍ଚ ନାଟକ ଉପରେ ବକ୍ତବ୍ୟ ରଖିଥିଲେ। ମିଳିତ ନାଗରିକ କମିଟି ଆବାହକ ଅଶୋକ ପରିଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସାଟେଲାଇଟ ସ୍କୁଲ ପିଲାଙ୍କୁ ମଧ୍ୟାହ୍ନଭୋଜନ ମିଳୁନି

## ୯ମ, ୧୦ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ଯୋଜନାରେ ସାମିଲ ଦାବି

ଭଞ୍ଜନଗର,୨୭।୯(ଡି.ଏନ.ଏ)

ଗତବର୍ଷ ରାଜ୍ୟ ସରକାର ଯେଉଁ ବିଦ୍ୟାଳୟରେ ୨୦ରୁ କମ୍ ଛାତ୍ରୀଛାତ୍ର ଅଛନ୍ତି ଏବଂ ଏକ କି.ମି. ମଧରେ ଦୁଇଟି ସ୍କୁଲ ଥିଲେ ଗୋଟିଏକୁ ବନ୍ଦ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏହି ନିୟମ ଯୋଗୁ ରାଜ୍ୟରେ ଏଭଳି ହଜାର ହଜାର ସାଟେଲାଇଟ୍ ସ୍କୁଲ ବନ୍ଦ ହେଉଥିବାରୁ ଅନେକ ବିଦ୍ୟାଳୟର ପରିଚାଳନା କମିଟି କୋର୍ଟ ଦ୍ୱାରସ୍ଥ ହୋଇଥିଲେ। କୋର୍ଟ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଆଇନର ଆଶ୍ରୟ ନେଇଥିବା ସାଟେଲାଇଟ୍ ସ୍କୁଲଗୁଡ଼ିକ ଯେଉଁଠି ଥିଲା ସେଇଠି ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ଅନେକ ସାଟେଲାଇଟ୍ ସ୍କୁଲ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ମିଶି ନ ଥିଲା। ଏଭଳି ସ୍ଥିତିରେ ଚଳିତ ଶିକ୍ଷାବର୍ଷ ଠାରୁ ସାଟେଲାଇଟ ସ୍କୁଲରେ ମଧ୍ୟାହ୍ନଭୋଜନ ସମେତ ଅନ୍ୟାନ୍ୟ ସରକାରୀ ସୁବିଧା ବନ୍ଦ କରି ଦିଆଯାଇଥିବାରୁ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି।

ଭଞ୍ଜନଗର ବ୍ଲକରେ ୨୬ଟି ସାଟେଲାଇଟ୍ ସ୍କୁଲ କାର୍ଯ୍ୟକ୍ଷମ ଅଛି। ଆଉ ୧୫ଟି ସାଟେଲାଇଟ୍ ସ୍କୁଲ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ମିଶିଥିଲା। ବ୍ଲକର ୨୬ଟି ସାଟେଲାଇଟ୍ ସ୍କୁଲରେ ମଧ୍ୟାହ୍ନ ଭୋଜନ ଓ ଅନ୍ୟ ସରକାରୀ ସୁବିଧା ବନ୍ଦ କରିଦିଆଯାଇଛି । ଏନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେଇ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି । ଅନ୍ୟପକ୍ଷରେ ଶିକ୍ଷା ଅଧିକାର ଆଇନ ଅନୁସାରେ ପ୍ରଥମରୁ ୮ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ମାଗଣା ଶିକ୍ଷା ବ୍ୟବସ୍ଥା କରାଯାଇଛି । ତେଣୁ ସେମାନଙ୍କୁ ମଧ୍ୟାହ୍ନ ଭୋଜନ, ଜୋତା, ଡ୍ରେସ ଆଦି ଦିଆଯାଉଛି । ହେଲେ ୯ମ, ୧୦ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନଭୋଜନ ଯୋଜନାରେ ସାମିଲ କରାଯାଉନାହିଁ । ଏଥିପାଇଁ ଉନ୍ନୀତ ଉଚ୍ଚ ବିଦ୍ୟାଳୟଗୁଡ଼ିକରେ ମଧ୍ୟାହ୍ନଭୋଜନ ବଣ୍ଟନ ଦାୟିତ୍ୱରେ ଥିବା ସ୍ୱୟଂ ସହାୟିକା ଗୋଷ୍ଠୀ, ଶିକ୍ଷକମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଭଞ୍ଜନଗର ବ୍ଲକରେ ୧୨ଟି ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଅଛି । ସେଗୁଡ଼ିକ ହେଲା ବାହାଡ଼ାପଦର, ଇନ୍ଦାଗଡ଼, ବାଇବାଲି, ଲାଲସିଂ, ସୋମନାଥ ପ୍ରାକ୍ଟିସ୍, ଭଞ୍ଜନଗର ଦୀନବନ୍ଧୁ ବେହେରା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ୟୁବି ହାଇସ୍କୁଲ, ଗୋଲାପଡ଼ା, ରାଇପଲ୍ଲୀ, ତଳଜିବିକା, ବ୍ରାହ୍ମଣପଦର, ବୁଦୁଲି ଉନ୍ନୀତ ଉଚ୍ଚ ବିଦ୍ୟାଳୟ। ଏସବୁ ବିଦ୍ୟାଳୟରେ ଗୋଟିଏ କ୍ୟାମ୍ପସ ମଧରେ ପ୍ରଥମରୁ ୧୦ମ ଶ୍ରେଣୀ ଥିବା ବେଳେ କେବଳ ୮ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନ ଭୋଜନ ଦେବା ନିୟମ ଅଛି । ଏସବୁ ସ୍କୁଲରେ ସରକାର ୯ମ,୧୦ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ମଧ ମଧ୍ୟାହ୍ନ ଭୋଜନ ଯୋଜନାରେ ସାମିଲ କରିବା ପାଇଁ ଅଭିଭାବକମାନେ ଦାବି କରିଛନ୍ତି। ଏ ନେଇ ଭଞ୍ଜନଗର ବିଇଓ ଏସ୍. ଧନଞ୍ଜୟଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ ତାଙ୍କ ଫୋନ ଲାଗି ନ ଥିବାରୁ ମତାମତ ନିଆଯାଇପାରିନାହିଁ । ଜଣେ ସିଆରସିସି କହିଛନ୍ତି, ବ୍ଲକର ସାଟେଲାଇଟ୍ ସ୍କୁଲ ଛାତ୍ରୀଛାତ୍ରଙ୍କୁ ଚଳିତ ଶିକ୍ଷାବର୍ଷର କୌଣସି ସୁବିଧା ଆସିନାହିଁ। କେବଳ ଶିକ୍ଷକମାନେ ଯାଇ ପାଠ ପଢ଼ାଉଛନ୍ତି ।



ଗାମୁଣ୍ଡି ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ ଚାଲିଛି।

### ଜୁଆ ଆଡ୍ଡାରେ ଚଢାଉ, ୪ ଗିରଫ

ଆସିକା,୨୭।୯(ଡି.ଏନ୍.ଏ.)

ଗାଙ୍ଗପୁର ଥାନା ଅନ୍ତର୍ଗତ କଳାସୁତା ଗ୍ରାମରେ ମଙ୍ଗଳବାର ଅପରାହ୍ନରେ ଚାଲିଥିବା ଏକ ଜୁଆ ଖେଳ ଉପରେ ପୋଲିସ ଚଢାଉ କରିଥିଲା । ସେଠାରୁ ୭,୪୦୦ ଟଙ୍କା ଜବତ କରାଯିବା ସହ ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଏ ନେଇ ନଂ.୪୩୦/୨୨ରେ ଏକ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ ସୂଚନା ଦେଇଛନ୍ତି। ଗଞ୍ଜାମରେ ଦଶହରା ଓ କୁମାର ପୂର୍ଣ୍ଣିମୀ ଅବସରରେ ଜୁଆଖେଳ ଜୋରଦାର ଚାଲୁଥିବା ବେଳେ ଏହାକୁ ବନ୍ଦ କରିବା ଲାଗି ଚଢାଉ ଜାରି ରହିବ ବୋଲି ପୋଲିସ କହିଛି।

### ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ଧରାକୋଟ,୨୭।୯(ଡି.ଏନ୍.ଏ.)

ଧରାକୋଟ ବ୍ଲକର ରୁଗୁମୁ ପଞ୍ଚାୟତରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ସରପଞ୍ଚ ଗୀତାଞ୍ଜଳି ସ୍ୱାଇଁଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ପ୍ରତିନିଧି ସୁଧାକର ସ୍ୱାଇଁ, ପଞ୍ଚାୟତ ନିର୍ବାହୀ ଅଧିକାରୀ କିଶୋର ଚନ୍ଦ୍ର ସାହୁ, ଜିଆର୍‌ଏସ୍ ଟୁଟୁ ନାହାକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପୀତବାସ ପାଣିଗ୍ରାହୀ ପ୍ରମୁଖ ସ୍ୱଚ୍ଛତାପକ୍ଷ ପାଳନ କାର୍ଯ୍ୟକ୍ରମରେ ସାମିଲ ହୋଇ ପଞ୍ଚାୟତ ଅଧୀନ ସମସ୍ତ ଗ୍ରାମ ପରିକ୍ରମା କରିଥିଲେ। ସମସ୍ତ ଗ୍ରାମରେ ଡାକବାଜି ଯନ୍ତ୍ର ବ୍ୟବହୃତ କରି ପ୍ରଚାର ସହ ସରସ୍ୱତୀ ଶିଶୁ ମନ୍ଦିର ରୁଗୁମୁର ଛାତ୍ରୀଛାତ୍ରଙ୍କୁ ନେଇ ସଚେତନତାମୂଳକ ପଥପ୍ରାନ୍ତ ନାଟକ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ପ୍ଲାଷ୍ଟିକ, କାଚ, କାଗଜ, ପଲିଥିନ ଓ ଅଦରକାରୀ ସାମଗ୍ରୀକୁ ଗୋଟିଏ ସ୍ଥାନରେ ଜମା କରି ପରିବେଶର ସୁରକ୍ଷା କରିବା ପାଇଁ ଗ୍ରାମର ଲୋକଙ୍କୁ ବୁଝାଇଥିଲେ। ସାମାଜିକ କର୍ମୀ ଅଶୋକ ସ୍ୱାଇଁ, ସୁରେଶ ସ୍ୱାଇଁ, ଶିଶିର ସ୍ୱାଇଁ ପ୍ରମୁଖ ସହଯୋଗ ପ୍ରଦାନ କରିଥିଲେ।

### ଟ୍ରେଲର ଧକ୍କାରେ ଜଣେ ମୃତ

ଛତ୍ରପୁର,୨୭।୯(ଡି.ଏନ୍.ଏ.)

ଛତ୍ରପୁର ଗ୍ରୀଡ ଛକ ନିକଟ ଜାତୀୟ ରାଜପଥରେ ମଙ୍ଗଳବାର ଟ୍ରେଲର ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି । ସେ ହେଲେ ସୁନ୍ଦରପୁର ଗ୍ରାମର ସୁରେନ୍ଦ୍ର ସେଠୀ। ସକାଳେ ସୁରେନ୍ଦ୍ର ସାଇକେଲରେ ଗ୍ରୀଡ ଛକ ନିକଟ ରାସ୍ତା ପାର ହେଉଥିବା ବେଳେ ବ୍ରହ୍ମପୁର ଅଭିମୁଖେ ଯାଉଥିବା ଟ୍ରେଲର (ଏନଏଲ ୦୧ଏଏ ୯୮୯୯) ତାଙ୍କୁ ଧକ୍କା ଦେଇ ପଳାଇଥିଲା । ଘଟଣାସ୍ଥଳରେ ସୁରେନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା। କେତେଜଣ ଲୋକ ଟ୍ରେଲରକୁ ପିଛା କରିବାରୁ ଚାଳକ ଗାଡି ଛାଡି ଫେରାର ହୋଇଯାଇଥିଲେ। ଦୁର୍ଘଟଣା ଖବର ପାଇ ଛତ୍ରପୁର ଥାନା ଅଧିକାରୀ ସତ୍ୟରଞ୍ଜନ ପ୍ରଧାନଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀ ପହଞ୍ଚି ମୃତଦେହକୁ ଜବତ କରଥିଲେ। ନଂ.୫୮୧/୨୨ ଏକ ମାମଲା ରୁଜୁ କରି ଟ୍ରେଲରକୁ ପୋଲିସ ଜବତ କରିଛି ।

### ଋଷିକୁଲ୍ୟା ସ୍ରୋତରୁ ଯୁବକ ଉଦ୍ଧାର

ଆସିକା,୨୭।୯(ଡି.ଏନ୍.ଏ.)

ଆସିକା ସହର ଉପକଣ୍ଠ ଦେଇ ପ୍ରବାହିତ ଋଷିକୁଲ୍ୟା ନଦୀ ସ୍ରୋତରେ ମଙ୍ଗଳବାର ସନ୍ଧ୍ୟାରେ ଭାସି ଯାଉଥିବା ଜଣେ ଯୁବକଙ୍କୁ ଉଦ୍ଧାର କରାଯାଇଛି। ସେ ହେଲେ ଏନଏସି ତୋଟା ସାହିର ଦୟାନିଧି ଦାସ। ଦୟାନିଧି ଶୌଚ ପାଇଁ ନଦୀକୁ ଯାଇଥିବା ବେଳେ ଅସାବଧାନତାରୁ ସ୍ରୋତରେ ଭାସିଯାଇଥିଲେ। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ଖମ୍ବେଶ୍ୱରୀ ପାଟଣା ନିକଟରେ ନଦୀରୁ ତାଙ୍କୁ ଉଦ୍ଧାର କରି ଆସିକା ଡାକ୍ତରଖାନାକୁ ନେଇଥିଲେ। ସେ ସୁସ୍ଥ ଥିବା ଜଣାଯାଇଛି।

## ବ୍ଲକ୍‌ସ୍ତରୀୟ ଯୁବ ଉତ୍ସବ ପାଳିତ

ଭାପୁର,୨୭।୯(ଡି.ଏନ୍.ଏ.)

ଭାରତ ସରକାରଙ୍କ ଜାତୀୟ ଯୁବ ଏବଂ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନରେ ଆସୁଥିବା ନେହେରୁ ଯୁବ କେନ୍ଦ୍ର, ନୟାଗଡ଼ ତରଫରୁ ମଙ୍ଗଳବାର ଭାପୁର ବ୍ଲକ ଅନ୍ତର୍ଗତ ପ୍ରହଲ୍ଲାଦ କନିଷ୍ଠ ମହାବିଦ୍ୟାଳୟଠାରେ ଯୁବ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ କଲେଜର ଅଧ୍ୟାପକ ତଥା ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ବିନୟ କୁମାର ସାହୁ ପରିଚାଳନା କରିଥିଲେ । ଏଥିରେ ଭାପୁର ବ୍ଲକର ଜାତୀୟ ଯୁବ ସ୍ୱେଚ୍ଛାସେବୀ ସତ୍ୟବ୍ରତ ମହାରଣା ଓ ପ୍ରାଚୀ ତନୟା ମିଶ୍ର ଯୋଗ ଦେଇଥିଲେ। ପ୍ରତିଯୋଗୀମାନଙ୍କ ମଧ୍ୟରେ କବିତା, ବକ୍ତୃତା , ଲୋକନୃତ୍ୟ , ଚିତ୍ରାଙ୍କନ , ଫଟୋଗ୍ରାଫି ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଉକ୍ତ ପ୍ରତିଯୋଗିତାରେ ପାରଦର୍ଶିତା ହାସଲ କରିଥିବା ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ପ୍ରଦାନ କରାଯାଇଥିଲା ।

ସୂଚନାଯୋଗ୍ୟ, ବ୍ଲକସ୍ତରରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନେ ଅକ୍ଟୋବର ୧୧ରେ ହେବାକୁ ଥିବା ଜିଲାସ୍ତରୀୟ ଯୁବ ଉତ୍ସବ କାର୍ଯ୍ୟକ୍ରମରେ ଭାଗ ନେବେ । ଉକ୍ତ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଗ୍ରାମାଞ୍ଚଳର ଯୁବ ପ୍ରତିଭାମାନଙ୍କୁ ଚୟନ କରିବା । ଏଥିପାଇଁ ଜିଲା କାର୍ଯ୍ୟାଳୟ ତରଫରୁ ବିଭିନ୍ନ ପୁରସ୍କାର ରାଶି ଘୋଷଣା କରାଯାଇଛି । ଏଭଳି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରୀଛାତ୍ରମାନଙ୍କ ବୌଦ୍ଧିକ ଶକ୍ତିର ବିକାଶ ହେବ ବୋଲି କଲେଜର ଅଧ୍ୟକ୍ଷା ପୂର୍ଣ୍ଣିମା ଦାସ ସୂଚନା ଦେଇଛନ୍ତି । କଲେଜର ଅଧାପକ ଫକୀର ମୋହନ ସ୍ୱାଇଁ , ରମେଶ ଚନ୍ଦ୍ର ବରାଡ, କାଳନ୍ଦୀ ଚରଣ ନାୟକ ନେହେରୁ ଯୁବ କେନ୍ଦ୍ରର ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଛନ୍ତି ।


ବ୍ଲକସ୍ତରୀୟ ଯୁବ ଉତ୍ସବରେ କୃତୀ ପ୍ରତିଯୋଗୀଙ୍କ ଗହଣରେ ଅତିଥି ବୃନ୍ଦ ।

## ମା' କୁଠାରିଶ୍ୱରୀଙ୍କ ନବରାତ୍ର ପୂଜା

ପାତ୍ରପୁର,୨୭।୯(ଡି.ଏନ.ଏ.)



ଗଞ୍ଜାମ ଜିଲା ପାତ୍ରପୁର ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' କୁଠାରିଶ୍ୱରୀଙ୍କ ୫୬ତମ ନବରାତ୍ର ପୂଜା ସୋମବାରଠାରୁ ଆଡମ୍ବରରେ ଆରମ୍ଭ ହୋଇଛି। ପଣ୍ଡିତ ରଘୁନାଥ ଶତପଥୀ ପୌରୋହିତ୍ୟ ଏବଂ ତାଙ୍କ ସହଯୋଗୀ ଚନ୍ଦନ ଦାସ, ସୀତାରାମ ସାହୁ, ଅକ୍ଷୟ କୁମାର ପଣ୍ଡାଙ୍କ ମିଳିତ ସହଯୋଗରେ ମା'ଙ୍କ ପୂଜା ଚାଲିଛି। ଅଞ୍ଚଳର ଯଜ୍ଞ ବିଶାରଦ ପଣ୍ଡିତ, ବେଦ ଆଚାର୍ଯ୍ୟ ଓ ଅନ୍ୟାନ୍ୟ ପଣ୍ଡିତମାନଙ୍କ ମନ୍ତ୍ର ଧ୍ୱନିରେ ପୀଠ ପ୍ରକମ୍ପିତ ହେଉଛି। ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ ରୀତିନୀତି ଅନୁଯାୟୀ ମା'ଙ୍କ ପୂଜାର୍ଚ୍ଚନା ଓ ଶେଷଦିନ ସନ୍ଧି ପୂଜା ପରେ ଯଜ୍ଞ ପୂର୍ଣ୍ଣାହୁତି ହେବ। ୩ରେ ନଗର ପରିକ୍ରମା ଏବଂ ଘଟ ବିସର୍ଜନ ହେବ ବୋଲି ମୁଖ୍ୟ ପୁରୋହିତ ସୂଚନା ଦେଇଛନ୍ତି। ପୂଜାରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ମନ୍ଦିର ପରିଚାଳନା କମିଟି ସଭାପତି ପି. ସଚିଦାନନ୍ଦ ସୁବୁଦ୍ଧି, ସୁରେଶ କୁମାର ପଟ୍ଟନାୟକ ସମସ୍ତଙ୍କୁ ଅନୁରୋଧ କରିଛନ୍ତି।

## ଛତୁ ଚାଷ ପାଇଁ ପ୍ରୋତ୍ସାହନ, ୪ ନୂତନ ଗୃହ ଉଦ୍‌ଘାଟନ

ଦାରିଙ୍ଗବାଡି,୨୭।୯(ଡି.ଏନ.ଏ)

ଦାରିଙ୍ଗବାଡି ବ୍ଲକର ୪ ସ୍ଥାନରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଛତୁଚାଷ ଏବଂ କୁକୁଡ଼ା ପାଳନ ଓ ବ୍ୟବସାୟ କରି ସ୍ୱାବଲମ୍ବୀ ହେବା ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ଏହି କ୍ରମରେ ଶ୍ରାନିକେତା ପଞ୍ଚାୟତର ତେରାବାଡି ଗ୍ରାମରେ ଅନୁଗ୍ରହ ବିଶ୍ୱ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଛତୁ ଚାଷ କରିବା ପାଇଁ ସରକାରଙ୍କ ପକ୍ଷରୁ ୭ଲକ୍ଷ ୮୦ ହଜାର ବିନିମୟରେ ଏକ ଗୃହ ନିର୍ମାଣ ସହ ଛତୁ ଚାଷ ପାଇଁ ଆବଶ୍ୟକ ସାମଗ୍ରୀ ଯୋଗାଇ ଦେଇଛନ୍ତି। ସେହିପରି ଉକ୍ତ ପଞ୍ଚାୟତ ସୁଲୁମାହାଠାରେ ମଧ ଛତୁ ଚାଷ ପାଇଁ ସେହି ସମାନ ବ୍ୟବସ୍ଥା କରାଯାଇଛି। ସେହିପରି ପ୍ଲିହେରି ପଞ୍ଚାୟତ ଏବଂ ଦନେକବାଡ଼ି ପଞ୍ଚାୟତରେ କୁକୁଡ଼ା ପାଳନ ଓ ବ୍ୟବସାୟ ପାଇଁ ୧ହଜାର କୁକୁଡ଼ା ଛୁଆ ଯୋଗାଇ ଦିଆଯାଇଛି; ଯାହା କି କୁକୁଡ଼ା ମାତ୍ର ୩୫ରୁ ୪୫ଦିନ ମଧରେ ବିକ୍ରି କରି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ରୋଜଗାର କରିପାରିବେ। କୋଭିଡ୍ କଟକଣା ବେଳେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନେ ଅନେକ ରୋଜଗାର ହରାଇ ବସିଥିବା ବେଳେ ଏବେ ମହିଳାମାନଙ୍କୁ ଏହା ସ୍ୱାବଲମ୍ବୀ କରିବ ବୋଲି ସେମାନେ କହିଛନ୍ତି। ଏ ସମସ୍ତ ନୂତନ ଗୃହକୁ ଜି. ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ୧୦ନଂ ଜୋନ ଜିଲାପରିଷଦ ସଦସ୍ୟ ରଞ୍ଜନ କୁମାର ପ୍ରଧାନ, ଆଇଟିଡିଏ ବାଲିଗୁଡାର ପ୍ରକଳ୍ପ ମ୍ୟାନେଜର ସମିରଣ ନାୟକ ଏବଂ ଆଇଟିଡିଏ କନିଷ୍ଠ ଯନ୍ତ୍ରୀ ବୁଦ୍ଧିରାମ ମୁର୍ମୁ ପ୍ରମୁଖ ଯୋଗଦେଇଥିଲେ।

## ଭାଜପାର ସାଙ୍ଗଠନିକ ବୈଠକ


ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

ଭଞ୍ଜନଗର,୨୭।୯(ଡି.ଏନ୍.ଏ.)

ଭଞ୍ଜନଗର ନିର୍ବାଚନ ମଣ୍ଡଳୀ ଭାଜପା ପକ୍ଷରୁ ମଙ୍ଗଳବାର ଜାମପଲ୍ଲୀ ଝାଙ୍କରେଇ ମନ୍ଦିର ପରିସରରେ ନିର୍ବାଚନ ମଣ୍ଡଳୀର ପ୍ରମୁଖ, ସହ ପ୍ରମୁଖ, ପ୍ରଭାରୀ ଏବଂ ମଣ୍ଡଳ ସଭାପତିମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ତୃଣମୂଳସ୍ତରରେ ସଙ୍ଗଠନକୁ ମଜବୁତ କରିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ଘୁମୁସର ଜିଲା ସଭାପତି ଗୋକୁଳାନନ୍ଦ ମଲ୍ଲିକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଭାଜପା ନେତ୍ରୀ ଜୟନ୍ତୀ ପଢ଼ିଆରୀ, ବିଧାୟକ ପ୍ରାର୍ଥୀ ପ୍ରଦ୍ୟୁମ୍ନ ନାୟକ,ବିନାୟକ ତ୍ରିପାଠୀ, ଭାଜପା ଉପସଭାପତି ସନ୍ତୋଷ ତିଆଡ଼ି, ଯୁବ ନେତା ଅଯୋଧ୍ୟା ନାଥ ମହାପାତ୍ର, କବିରାଜ ବେହେରା,ନିଳାଞ୍ଚଳ ଖିଲାର, ଶିବପ୍ରସାଦ ମହାପାତ୍ର, ସନ୍ତୋଷ ପାଳ,ରବୀନ୍ଦ୍ର କୁମାର ଗୌଡ଼ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

## ଜିଲାସ୍ତରୀୟ ଯୁବ ଉତ୍ସବ



ଅତିଥିଙ୍କ ଗହଣରେ କୃତି ପ୍ରତିଯୋଗୀ ।

ଫୁଲବାଣୀ ଅଫିସ, ୨୭।୯

ଫୁଲବାଣୀ ସ୍ଥିତ ଗାନ୍ଧୀସ୍ମୃତି ଭବନ ପରିସରରେ ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ଜିଲାସ୍ତରୀୟ ଯୁବ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଉପ ଜିଲାପାଳ ଶେଷଦେବ ମିଶ୍ର, ସମ୍ମାନିତ ଅତିଥି ଭାବେ ଜିଲା କ୍ରୀଡା ଅଧିକାରୀ ରାକେଶ କୁମାର ନାୟକ, ବିଡିଓ ପ୍ରବୀଣ କୁମାର ବାଣୁଆ, ଅଧାପକ ବୈକୁଣ୍ଠ ନାଥ ସ୍ୱାଇଁ, ଜଳନ୍ଧର ବେହେରା, ଜିଲା ଯୁବ ଅଧିକାରୀ ନଭନିତ କୁମାର ପ୍ରମୁଖ ଯୋଗଦେଇ ଏହି ଦିବସ ପାଳନର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ।

ଜିଲାର ବିଭିନ୍ନ ବ୍ଲକରୁ ୫୦୦ ଯୁବତୀଯୁବକ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ଚିତ୍ରାଙ୍କନ, କବିତା, ମୋବାଇଲ ଫଟୋଗ୍ରାଫି, ବକ୍ତୃତା, ସାଂସ୍କୃତିକ କାର୍ଯ୍ୟକ୍ରମ ଇତ୍ୟାଦି ପ୍ରତିଯୋଗିତା ହୋଇଥିଲା । ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି, ପ୍ରମାଣପତ୍ର ଏବଂ ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ । ସତ୍ୟବାନ ଦଳ ବେହେରା କାର୍ଯ୍ୟକ୍ରମରେ ସହଯୋଗ କରିଥିବା ବେଳେ ମନୋଜ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ ।

### ମାନସିକ ଅନଗ୍ରସର ବିଦ୍ୟାଳୟରେ ସାଙ୍କେତିକ ଭାଷା ଦିବସ

ଆର.ଉଦୟଗିରି,୨୭।୯(ଡି.ଏନ୍.ଏ.)

ମୋହନାସ୍ଥିତ ଏମକେସିଜି ଦୃଷ୍ଟିହୀନ ଏବଂ ବଧିର ବିଦ୍ୟାଳୟରେ ଅନ୍ତର୍ଜାତୀୟ ସାଙ୍କେତିକ ଭାଷା ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ଉପସଭାପତି ଶରତ ଚନ୍ଦ୍ର ମଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୋହନା ଜିଲା ପରିଷଦ ସଭ୍ୟ ଚନ୍ଦ୍ର ମଲିକ ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମଧୁସୂଦନ ପାଢ଼ୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଶାନ୍ତ ବୀର, ସମ୍ପାଦକ ଦଣ୍ଡାସୀ ସାହୁ, କୋଷାଧ୍ୟକ୍ଷ ସୁରେନ୍ଦ୍ର ଜେନା, ସଭ୍ୟ ଜୟପ୍ରକାଶ ପାଇକ, ସହ ସମ୍ପାଦକ ମନୋଜ କୁମାର ସାହୁ ଏବଂ ପ୍ରିନ୍ସିପାଲ ଅଖିଳ କୁମାର ସାହୁ ଉପସ୍ଥିତ ଥିଲେ। ଭିନ୍ନକ୍ଷମ ଛାତ୍ରମାନେ ଗୀତ, ନୃତ୍ୟ ଆଦି ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବଣ୍ଟାଯାଇଥିଲା। ଅନୁଷ୍ଠାନର ଅଧ୍ୟକ୍ଷ ଅଖିଳ ସାହୁ ସଭା ପରିଚାଳନା କରିଥିଲେ।

## ଜିଲାପାଳଙ୍କ ଇକୋ ରିଟ୍ରିଟ କାର୍ଯ୍ୟ ସମୀକ୍ଷା


କଫି ଚାରାରୋପଣ କରାଯାଉଛି ।

ଦାରିଙ୍ଗବାଡି,୨୭।୯(ଡି.ଏନ.ଏ)

କନ୍ଧମାଳ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ମଙ୍ଗଳବାର ଦାରିଙ୍ଗବାଡ଼ି ବ୍ଲକ ଗସ୍ତ କରି ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଛନ୍ତି। ଚଳିତବର୍ଷ ପାଇଁ ନୂତନ ଜମିରେ ଇକୋ ରିଟ୍ରିଟ କାର୍ଯ୍ୟ ଚାଲିଥିବା ବେଳେ ତା'ର ମଧ ଜିଲାପାଳ ସମୀକ୍ଷା କରିଛନ୍ତି। ସେହିପରି ଦାସିଙ୍ଗବାଡ଼ି ପଞ୍ଚାୟତ ମିଡ଼ିୟୁବା ୱାଟରଫଲକୁ ବୁଲି ଦେଖିବା ସହ ତା'ର ବିକାଶ କରିବାକୁ ବିଡିଓ ଗଦାଧର ପାତ୍ରଙ୍କ ସହ ଆଲୋଚନା କରିଛନ୍ତି। ପାଇନ ଜଙ୍ଗଲ ଯେଉଁଠି ପର୍ଯ୍ୟଟକ ବଣଭୋଜି କରିଥାନ୍ତି ଉକ୍ତ ସ୍ଥାନ ବୁଲିଦେଖିବା ସହ ପାନୀୟ ଜଳ, ଗୋଷ୍ଠୀ ଶୌଚାଳୟ ଆଦି କରାଯିବା ନେଇ ଆଲୋଚନା କରିଥିଲେ। କଫି ବଗିଚାର ପୁନରୁଦ୍ଧାର କରାଯିବା ନେଇ ଆଲୋଚନା କରାଯାଇଥିଲା। ଏଥିସହ କଫି ବଗିଚା ନିକଟରେ ଆଉ ୫ ଏକର ଜମିରେ କଫି ଚାଷ କରାଯିବାକୁ ଚାରା ରୋପଣ କରି ଜିଲାପାଳ ନୂତନ କଫିବଗିଚା ସୃଷ୍ଟି କରିବା ପାଇଁ ଶୁଭାରମ୍ଭ କରିଛନ୍ତି। ସେଠାରେ ଏକ କ୍ଷୁଦ୍ର କଫି ଘର କରାଯିବାକୁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଦାସିଙ୍ଗବାଡି ବିଦ୍ୟାଳୟକୁ ଯାଇ ଛାତ୍ରୀଛାତ୍ରମାନଙ୍କ ଶିକ୍ଷା ଅଙ୍କୁର ଶିବିରରେ ପିଲାଙ୍କ ଦ୍ୱାରା ବଜାର କରାଯାଇଥିବା ଦେଖିଥିଲେ। କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସହ ଦାରିଙ୍ଗବାଡି ବ୍ଲକ ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ, ବିଡିଓ ଗଦାଧର ପାତ୍ର, ତହସିଲଦାର ଡ. ଅଶୋକ କୁମାର ଦାସ ଏବଂ ଜିଲା, ଉପଖଣ୍ଡ ଓ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

